**ଗଣ୍ଡଗୋଳ: ଉଭୟ ପକ୍ଷରୁ ୫ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ): କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୮ ନାରାୟଣ ବସ୍ତିରେ ସୋମବାର ରାତି ପ୍ରାୟ ୧୦ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଉଭୟ ପକ୍ଷରୁ ଏକାଧିକ ଆହତ ହୋଇଥିବାବେଳେ ଅଭିଯୋଗ ପରେ ପୋଲିସ ପୃଥକ୍ ମାମଲା (ନଂ.୪୦୩, ୪୦୪/୨୧) ରୁଜୁ କରି ଦୁଇ ଗୋଷ୍ଠୀର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ବସ୍ତିରେ ରହୁଥିବା ଗୋଟିଏ ପକ୍ଷର ପପୁ ସାହୁ(୨୩), ଶୁଭାଶିଷ ପ୍ରଧାନ(୨୩) ଓ ସଞ୍ଜୀବ କୁମାର ମଲ୍ଲିକ(୨୪) ଏବଂ ଅନ୍ୟପକ୍ଷର ବଣ୍ଟି ପ୍ରଧାନ(୨୮) ଓ ଆଶିଷ କୁମାର ମଲ୍ଲ(୨୫)। ଅଭିଯୁକ୍ତଙ୍କଠାରୁ ପୋଲିସ ଦୁଇଟି ବାଇକ୍ ଓ ଆକ୍ରମଣରେ ବ୍ୟବହୃତ କିଛି ବାଉଁଶ ଜବତ କରିଛି।

## ସଂକ୍ଷେପରେ

### ବଡ଼ଭାଇକୁ ସାନର ଛୁରାମାଡ଼

ଭୁବନେଶ୍ୱର,୧୩ା୭(ବ୍ୟୁରୋ): ସାନ ଭାଇର ଛୁରା ମାଡ଼ରେ ବଡ଼ ଭାଇ ଆହତ ହୋଇଛନ୍ତି। ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ରଘୁନାଥନଗର ବସ୍ତିରେ ଏହି ଘଟଣା ଘଟିଛି। ସୋମବାର ରାତି ପ୍ରାୟ ୧୨ଟାରେ କୌଣସି କାରଣକୁ ନେଇ ଦୁଇ ଭାଇ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ସାନଭାଇ ଉତ୍ତକ୍ଷିପ୍ତ ହୋଇ ବଡ଼ ଭାଇକୁ ଏକ ଛୁରିରେ ଆକ୍ରମଣ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଆହତ ବଡ଼ଭାଇଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ତେବେ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ଘଟଣାର ଆପୋସ ସମାଧାନ ପାଇଁ ବଡ଼ଭାଇ ଚାହୁଁଥିବା ପୋଲିସ କହିଛି।

### ଦୃଷ୍ଟିହୀନଙ୍କୁ ରିଲିଫ ବଣ୍ଟନ



ଭୁବନେଶ୍ୱର,୧୩ା୭: କୋଭିଡ୍ ମହାମାରୀ ସମୟରେ ସ୍ୱେଚ୍ଛାସେବୀ ସଂଗଠନ ନାରାୟଣ ସେବା ସମିତି ରାଜସ୍ଥାନ ପକ୍ଷରୁ ପ୍ରାୟ ୧୧୦ ଜଣ ନିଃସହାୟ ଦୃଷ୍ଟିହୀନଙ୍କୁ ରିଲିଫ ବଣ୍ଟନ କରାଯାଇଛି। ମଙ୍ଗଳବାର ସ୍ଥାନୀୟ ଉତ୍କଳ ଦୃଷ୍ଟିହୀନ ସଂଘ କାର୍ଯ୍ୟାଳୟ ପରିସରରେ କୋଭିଡ୍ ନିୟମ ମୁତାବକ ସମିତିର କର୍ମକର୍ତ୍ତାଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ନିଃସହାୟ ଦୃଷ୍ଟିହୀନଙ୍କୁ ସମିତି ପକ୍ଷରୁ ଶୁଖିଲା ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ଥିବା ପୁଡ଼ିଆ ବଣ୍ଟନ କରାଯାଇଥିଲା। ମହାମାରୀ ଭଳି ଅସମୟରେ ନାରାୟଣ ସେବା ସମିତିର ଏଭଳି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଏହି ଅବସରରେ ସମିତିର ଅଧକ୍ଷ ପ୍ରଶାନ୍ତ ଅଗ୍ରୱାଲ, ଲାଲ ସିଂ ଭାଟି, ଶରତ କୁମାର ଦାଶଙ୍କ ସମେତ ସଂସ୍ଥାର ବହୁ ସହଯୋଗୀ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦୃଷ୍ଟିହୀନ ସଂଘର ରଶ୍ମିରଞ୍ଜନ ସାହୁ ସହଯୋଗ କରିଥିଲେ ।

### ବିଏମ୍ସି ସଫେଇ କର୍ମଚାରୀଙ୍କୁ ମାସ୍କ, ଫଳରସ ବଣ୍ଟନ

ଭୁବନେଶ୍ୱର, ୧୩ା୭ (ବ୍ୟୁରୋ); ଭୁବନେଶ୍ୱର ରାଉଣ୍ଡ୍ ଟେବୁଲ (ବିଆର୍ଟି) ୫୩ ତରଫରୁ ମଙ୍ଗଳବାର ବିଏମ୍ସିର ୱାର୍ଡ ନଂ.୪୧ ଓ ୩୪ର ଶତାଧିକ ସଫେଇ କର୍ମଚାରୀଙ୍କୁ ମାସ୍କ ଓ ଫଳରସ ବଣ୍ଟନ କରାଯାଇଛି। ମାଷ୍ଟର କ୍ୟାଣ୍ଟିନ ଛକ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଏମ୍ସି ଦକ୍ଷିଣ-ପୂର୍ବ ଜୋନ୍ର ଜୋନାଲ୍ ଡେପୁଟି କମିଶନର ଅଂଶୁମାନ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଫେଇ କର୍ମଚାରୀଙ୍କ ମନୋବଳ ବୃଦ୍ଧି ନିମନ୍ତେ ଆଗକୁ ମଧ ଏଭଳି ପ୍ରଚେଷ୍ଟା ଜାରି ରହିବ ବୋଲି ବିଆରଟି ୫୩ର ସଭାପତି ଅକ୍ଷତ ସକଲାନୀ କହିଛନ୍ତି। ପରିମଳ ନିରୀକ୍ଷକ କମଳାକାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ଏରିଆ ଚେୟାରମ୍ୟାନ ଶ୍ୟାମାଶିଷ ଲେଙ୍କା, ଭାଇସ୍ ଚେୟାରମ୍ୟାନ ପଙ୍କଜ ମୋଟୱାନି ଓ ବିଆରଟି ୫୩ର ସମ୍ପାଦକ ମାନିକ ହଂସ ସଂଚାଳନା କରିଥିଲେ।

# ରମାଦେବୀ ବିଶ୍ୱବିଦ୍ୟାଳୟକୁ ୟୁଜିସି ୧୨-ବି ମାନ୍ୟତା

ଭୁବନେଶ୍ୱର, ୧୩ା୭(ବ୍ୟୁରୋ)



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ୧୨-ବି ମାନ୍ୟତା ମିଳିଛି। ଏ ନେଇ ୟୁଜିସି ପକ୍ଷରୁ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି। ଫଳରେ ଏଣିକି ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ଅନୁଦାନ ମିଳିବା ସହ ବିଭିନ୍ନ ଗବେଷଣା ଓ ଏକାଡେମିକ୍ କାର୍ଯ୍ୟ ଆରମ୍ଭ ହୋଇପାରିବ। ସୂଚନାଯୋଗ୍ୟ, କେନ୍ଦ୍ର ଓ ଅନ୍ୟାନ୍ୟ ଏଜେନ୍ସିରୁ ପାଣ୍ଠି ଗ୍ରହଣ କରିବା ପାଇଁ ୧୨-ବି ମାନ୍ୟତା ବାଧ୍ୟତାମୂଳକ। ଏହି ମାନ୍ୟତା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ପ୍ରସ୍ତାବ ଦାଖଲ କରିଥିଲେ। ଏହାପରେ ଗତ ଫେବୃୟାରୀ ୧୭ ଓ ୧୮ ତାରିଖରେ ୟୁଜିସି ବିଶେଷଜ୍ଞ କମିଟି ବିଶ୍ୱବିଦ୍ୟାଳୟ ପରିଦର୍ଶନ ଆବଶ୍ୟକ ଯୋଗ୍ୟତା ପରଖିଥିଲେ। ବିଶ୍ୱବିଦ୍ୟାଳୟ ଦ୍ୱାରା ଦାଖଲ କରାଯାଇଥିବା ଅନୁପାଳନ ସହିତ ବିଶେଷଜ୍ଞ କମିଟିର ରିପୋର୍ଟ ୟୁଜିସିର ସ୍ଥାୟୀ କମିଟି ସମ୍ମୁଖରେ ରଖାଯାଇଥିଲା। କମିଟି ଏହି ରିପୋର୍ଟରେ ସମୀକ୍ଷା କରି ବିଶ୍ୱବିଦ୍ୟାଳୟକୁ ୧୨-ବି ମାନ୍ୟତାର ଅନୁମୋଦନ ପାଇଁ ସୁପାରିସ କରିଥିଲା। ୟୁଜିସି ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ସୁପାରିସ ଓ ୟୁଜିସି ବିଶେଷଜ୍ଞ କମିଟିର ରିପୋର୍ଟ ଆଧାରରେ ଜୁଲାଇ ୧ରେ ଅନୁଷ୍ଠିତ ଏକ ବୈଠକରେ ୧୨ (ବି) ମାନ୍ୟତା ପ୍ରଦାନ କରାଯାଇଥିଲା। ୟୁଜିସି ଆକ୍ଟ ୧୯୫୬ର ଧାରା ୧୨ (ବି) ଅଧୀନରେ ବିଶ୍ୱବିଦ୍ୟାଳୟ ତାଲିକାରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ନାମ ଅନ୍ତର୍ଭୁକ୍ତ କରାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଏହି ମାନ୍ୟତା ଅନୁସାରେ ବିଶ୍ୱବିଦ୍ୟାଳୟକୁ ଏନ୍ଆଇଆର୍ଏଫ୍ ର୍ୟାଙ୍କିଙ୍ଗରେ ଭାଗ ନେବା ସହ ଶୀଘ୍ର ନାକ୍ ମାନ୍ୟତା ପାଇବାକୁ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି।

**ନାକ୍ ମାନ୍ୟତା ପାଇଁ ସବୁଜ ସଙ୍କେତ**

# ସାଇବର ଠକେଇର ସମୀକ୍ଷା କଲେ ଡିସିପି

ଭୁବନେଶ୍ୱର,୧୩ା୭(ବ୍ୟୁରୋ)

**ଡେବିଟ୍ କାର୍ଡ ସମ୍ବନ୍ଧୀୟ ଅଧିକ ଅଭିଯୋଗ**

ରାଜ୍ୟରେ ଦିନକୁ ଦିନ ସାଇବର ଠକେଇ ବଢ଼ିବାରେ ଲାଗିଛି। ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ୪ ମାସ ହେବ ସାଇବର ହେଲ୍ପ ଡେସ୍କ ଖୋଲାଯାଇଛି। ଏହି ଡେସ୍କକୁ ଆସୁଥିବା ଠକେଇର ବିଭିନ୍ନ ଅଭିଯୋଗକୁ ନେଇ ମଙ୍ଗଳବାର ଡିସିପି ଉମାଶଙ୍କର ଦାସ ସମୀକ୍ଷା କରିଛନ୍ତି। ସେ କହିଛନ୍ତି, ଡେବିଟ୍ କାର୍ଡ ଅଚଳ ହେବାକୁ ନେଇ ଅଧିକ ଠକେଇ ହୋଇଛି। ପ୍ରାୟ ୧୨୦୦ ବ୍ୟକ୍ତି ଏ ନେଇ ଅଭିଯୋଗ କରିଛନ୍ତି। ସେହିପରି କ୍ରେଡିଟ୍ କାର୍ଡ ସମ୍ବନ୍ଧୀୟ ୫୦୦ ଅଭିଯୋଗ ହୋଇଛି। ତେବେ ଏହି ଡେବିଟ୍ ଓ କ୍ରେଡିଟ୍ କାର୍ଡ ଠକେଇ କରିବାକୁ ସାଇବର ଠକ ମୁଖ୍ୟତଃ ସିନିୟର ସିଟିଜେନଙ୍କୁ ଅଧିକ ଫସାଉଛନ୍ତି। ଫୋନ ପେ' ମାଧ୍ୟମରେ ରିୱାର୍ଡ ଓ କ୍ୟାଶବ୍ୟାକ୍ ପାଇବାର ଲୋଭ ଦେଖାଇ ୨୦୦ ଅଭିଯୋଗ ଓ ଲଟେରି ଜିତିବାକୁ ନେଇ ୬୦ଟି ଅଭିଯୋଗ ହୋଇଛି। ଟାୱାର୍ ବସାଇବାକୁ ନେଇ ଭୁବନେଶ୍ୱର ଓ ଅନ୍ୟ ସ୍ଥାନରୁ ଅଭିଯୋଗ ଆସିଛି। ବିଭିନ୍ନ ପ୍ରକାର ଆପ୍ ଇନ୍ଷ୍ଟଲ କରିବାକୁ ନେଇ ୩୦୦ ଅଭିଯୋଗ ହୋଇଛି। ତେବେ ଆଗାମୀ ଦିନରେ ଇଣ୍ଟରନେଟ୍ ବ୍ୟାପକତା ଯୋଗୁ ମୋବାଇଲର ବ୍ୟବହାର ମଧ ବଢ଼ିବ। ସାଇବର ଠକ ଏଭଳି ଅପରାଧ ଘଟାଇବର ସମ୍ଭାବନା ରହିଛି। ତେଣୁ ଏଥିପ୍ରତି ସଚେତନ ହେବା ପାଇଁ ଡିସିପି ପରାମର୍ଶ ଦେଇଛନ୍ତି।



ତୈଳ ଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ରାମ ମନ୍ଦିର ସମ୍ମୁଖ ପେଟ୍ରୋଲ ପମ୍ପରେ ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନର ଧାରଣା ଓ ବିକ୍ଷୋଭ।




ପେଟ୍ରୋଲ, ଡିଜେଲ ଦରବୃଦ୍ଧି ବିରୋଧରେ ଆସନ୍ତା ୧୫ ତାରିଖରେ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ହେବାକୁ ଥିବା ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଭୁବନେଶ୍ୱରରେ ସିପିଆଇ, ଏଆଇଟିୟୁସି, ବିକେଏମ୍ୟୁ, ଏଆଇକେଏସ୍ର ବିକ୍ଷୋଭ ଶୋଭାଯାତ୍ରା।

## ରେଳ ଧାରଣାରୁ ଖଣ୍ଡ ବିଖଣ୍ଡିତ ମୃତଦେହ ଜବତ

**ପରିଚୟ ଖୋଜୁଛି ପୋଲିସ**

ଭୁବନେଶ୍ୱର, (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୧୩ା୭(ଡି.ଏନ୍.ଏ)

ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ ଉଭରବ୍ରିଜ ତଳ ରେଳଧାରଣାରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଛି। ଜିଆର୍ପି ଥାନା ପୋଲିସ ସେସବୁକୁ ଏକାଠି କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଶରୀରର ଅଂଶସବୁ ଅଲଗା ହୋଇଯିବା ସହ ମୁହଁ ମଧ ବିକୃତ ହୋଇଯାଇଥିବାରୁ ପରିଚୟ ମିଳିପାରିନି। ମୃତବ୍ୟକ୍ତିଙ୍କ ବୟସ ୩୫ରୁ ୪୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୨/୨୧)ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର ରହସ୍ୟ ଉନ୍ମୋଚନ ପାଇଁ ପୋଲିସକୁ ପ୍ରଥମେ ମୃତକଙ୍କ ପରିଚୟ ପାଇବା ଜରୁରୀ। ତେବେ ମୃତଦେହ ନିକଟରୁ ମୋବାଇଲ ଫୋନ୍ କିମ୍ବା ଅନ୍ୟ କୌଣସି ପ୍ରମାଣ ପତ୍ର ମିଳି ନ ଥିବାରୁ ପରିଚୟ ମିଳିବା କଷ୍ଟକର ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ପୋଲିସ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ପଚରାଉଚରା କରୁଛି। ଏହା ହତ୍ୟା ନା ଆତ୍ମହତ୍ୟା ବ୍ୟବଚ୍ଛେଦ ପରେ ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୭ଟାରେ ଉକ୍ତ ରେଳ ଧାରଣାରେ ଯାଉଥିବା ଏକ ଟ୍ରେନ୍ର ଚାଳକ ଖଣ୍ଡବିଖଣ୍ଡିତ ମୃତଦେହ ଦେଖି ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଖବର ଦେଇଥିଲେ। ଏହାପରେ ଜିଆର୍ପି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରବର୍ତ୍ତୀ ପଦକ୍ଷେପ ନେଇଥିଲା।

# ଗର୍ଭଗୃହ ଯାଞ୍ଚ, ମରାମତି ଆରମ୍ଭ

ପୁରୀ ଅଫିସ,୧୩ା୭:

ଶ୍ରୀମନ୍ଦିର ଗର୍ଭଗୃହ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳବାର ଜଗମୋହନରେ ଭାରା ବନ୍ଧାଯାଇ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଅନୁଧ୍ୟାନ କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନର ବୈଷୟିକ କୋର୍ କମିଟି ଓ ସେବାୟତଙ୍କୁ ନେଇ ଗଠିତ ଟିମ୍ ଏହି ଯାଞ୍ଚ କରୁଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନର ଅନୁମତି କ୍ରମେ ଭୋଗମଣ୍ଡପ, ନାଟମଣ୍ଡପ ଓ ଜଗମୋହନର ଲେଜର ସ୍କାନିଂ ଆରମ୍ଭ ହୋଇଛି। ତେବେ ଗର୍ଭଗୃହର ଲେଜର ସ୍କାନିଂ କରାଯିବନାହିଁ। ଲେଜର ସ୍କାନିଂ କରି ଡକ୍ୟୁମେଣ୍ଟେଶନ୍ କରାଯିବ ଏବଂ ପଥରରେ ଥିବା ସମସ୍ୟାକୁ ଏଏସ୍ଆଇ ଟିମ୍ ଚିହ୍ନଟ କରି ବଦଳାଇବ ବୋଲି ଜଣାପଡ଼ିଛି। ସେହିପରି ରୁପା କବାଟ ଲାଗିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ସୋମବାର ବିଳମ୍ବିତ ରାତିରେ ରଥ ଯିବା ପରେ ୩ ଦ୍ୱାର ପାଇଁ ୬ଷ୍ଟିଲ୍ ଫ୍ରେମ୍ ଶ୍ରୀମନ୍ଦିରକୁ ନିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ବେହରଣ ଦ୍ୱାରକୁ ବାହାର କରାଯାଇ ଷ୍ଟିଲ୍ ଫ୍ରେମ୍ ଲଗାଯିବ। ଷ୍ଟିଲ୍ ଫ୍ରେମ୍ ଲଗାଯିବାବେଳେ କ'ଣ ସମସ୍ୟା ହେଉଛି ସେନେଇ ଅନୁଧ୍ୟାନ କରାଯିବା ପରେ କାଠ କବାଟ ଫିଟିଂ ଆରମ୍ଭ ହେବ। ବେହରଣ ଦ୍ୱାରକୁ ନିଳାଦ୍ରୀ ଭକ୍ତନିବାସ ମ୍ୟୁଜିୟମ୍ରେ ରଖାଯିବ ବୋଲି ସୂଚନା ମିଳିଛି।

# ଓଡ଼ିଶୀ ସଙ୍ଗୀତ ଗୁରୁ ଲତା ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, ୧୩ା୭ (ବ୍ୟୁରୋ)



ଓଡ଼ିଶାର କଳା, ସଂସ୍କୃତିକୁ ସୁଦୂର ଆମେରିକାରେ ପ୍ରସାରିତ କରିଥିବା ଓଡ଼ିଆ ଝିଅ ତଥା ଓଡ଼ିଶୀ ସଙ୍ଗୀତ ଗୁରୁ ଲତା ମିଶ୍ର(୭୨)ଙ୍କ ରବିବାର ପରଲୋକ ହୋଇଯାଇଛି। ଆମେରିକାର ଓଡ଼ିଆ ସମାଜରେ 'ଚମ୍ପୁଛାନ୍ଦ'କୁ ପ୍ରତିଷ୍ଠିତ କରିବା ଓ ଯୁବପିଢ଼ିଙ୍କୁ ଏହାର ସୁଲଳିତ ଝଙ୍କାର ସହ ପରିଚିତ କରାଇବାରେ ସେ ପ୍ରମୁଖ ଭୂମିକା ନେଇଥିଲେ। ସେ ତାଙ୍କ ଜୀବନରେ ବହୁ ଶିଷ୍ୟାଶିଷ୍ୟ ତିଆରି କରିଛନ୍ତି। ମଞ୍ଚ ନାଟକରେ ମଧ ନିଖୁଣ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଲତା କିଛିବର୍ଷ ତଳେ ପାର୍କିନ୍ସନ୍ସ ରୋଗରେ ପୀଡ଼ିତ ହୋଇଥିଲେ। ଧୀରେ ଧୀରେ ତାଙ୍କର ଚାଲିବା ସହ କଥା କହିବାର ସାମର୍ଥ୍ୟ କମି ଆସିଥିଲା। ଏହାସତ୍ତ୍ୱେ ସେ ହାରି ଯାଇ ନ ଥିଲେ। ହ୍ୱିଲ୍ ଚେୟାରରେ ବସି ଲତା ଓଡ଼ିଆ କଳା ସଂସ୍କୃତିକୁ ଆଗକୁ ନେବାର ପ୍ରଚେଷ୍ଟା ଜାରି ରଖିଥିଲେ। ଲତା ହେଉଛନ୍ତି ଆମେରିକାର ନ୍ୟୁଜର୍ସି ବାସିନ୍ଦା ଶରଦିନ୍ଦୁ ମିଶ୍ରଙ୍କ ସ୍ତ୍ରୀ ତଥା ଓଡ଼ିଶାର ବିଶିଷ୍ଟ ସାମାଜିକକର୍ମୀ ସ୍ୱର୍ଗତ ଶ୍ୟାମସୁନ୍ଦର ମିଶ୍ର ଓ କମଳା ଦେବୀଙ୍କ ବୋହୂ। ତାଙ୍କ ବିୟୋଗରେ ଆମେରିକାରେ ରହୁଥିବା ପ୍ରବାସୀ ଓଡ଼ିଆ ଦିଗମ୍ବର ମିଶ୍ର, ଲଲାଟେନ୍ଦୁ ମହାନ୍ତି, ଡ. ଉମା ମିଶ୍ର, ଧୀରେନ୍ଦ୍ର କର, ବିଜୟ ମହାନ୍ତି, କୁକୁ ଦାଶ ପ୍ରମୁଖ ଶୋକ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ହେବ ଓଭରବ୍ରିଜ

ଭୁବନେଶ୍ୱର, (ବ୍ୟୁରୋ) ଖୋର୍ଦ୍ଧା ଅଫିସ,୧୩ା୭

- ନିଜିଗଡ଼ ତାପଙ୍ଗ ଓ ତୋଟାପଡ଼ାରେ ଅଣ୍ଡରପାସ୍
- ଟୁଇଟ କରି ଜଣାଇଲେ ଏମ୍ପି ଅପରାଜିତା

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଫ୍ଲାଏଓଭର ବ୍ରିଜ୍ ଏବଂ ନିଜିଗଡ଼ ତାପଙ୍ଗ ଓ ପଲ୍ଲା ତୋଟାପଡ଼ା ଛକରେ ଅଣ୍ଡରପାସ(ହାଲୁକା ଯାନ) ନିର୍ମାଣ ଲାଗି କେନ୍ଦ୍ର ସରକାରଙ୍କ ଭୂପୃଷ୍ଠ ଓ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ସ୍ୱୀକୃତି ମିଳିଛି। ଏହି ୩ଟି ପ୍ରକଳ୍ପ ନିର୍ମାଣ ଲାଗି ଜାତୀୟ ରାଜପଥ ପ୍ରାଧିକରଣ(ଏନ୍ଏଚ୍ଏଆଇ) ପକ୍ଷରୁ ୧୬.୬୮ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଭୁବନେଶ୍ୱର ଏମ୍ପି ତଥା ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡ଼ଙ୍ଗୀ ଟୁଇଟ କରି ଜଣାଇଛନ୍ତି। ଏଥିପାଇଁ ଷଡ଼ଙ୍ଗୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଭୂପୃଷ୍ଠ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାନୁସାରେ, ୧୬ନଂ. ଜାତୀୟ ରାଜପଥରେ ଏନ୍ଏଚ୍ଏଆଇ ପକ୍ଷରୁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଫ୍ଲାଏଓଭର ପରିବର୍ତ୍ତେ ଭୂତଳ ରାସ୍ତା ନିର୍ମାଣକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଖୋର୍ଦ୍ଧା ନାଗରିକ ମଞ୍ଚ ସମେତ ବିଭିନ୍ନ ରାଜନୈତିକ ଦଳ ଏହାର ତୀବ୍ର ବିରୋଧ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ଅପରପାର୍ଶ୍ୱରେ ଏସ୍ପି ଓ ଜିଲା ଯୋଗାଣ ବିଭାଗର କାର୍ଯ୍ୟାଳୟ ରହିଛି। ଉଭୟ ପାର୍ଶ୍ୱରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ରାସ୍ତାର ଆର ପାର୍ଶ୍ୱରେ ବିଭିନ୍ନ ଗ୍ରାମ ମଧ ରହିଛି। ବିଭିନ୍ନ ଅଞ୍ଚଳରୁ ଏଠାକୁ ଲୋକେ ଆସୁଛନ୍ତି। ଗତ ଏପ୍ରିଲ ପହିଲାରେ ବିଭିନ୍ନ ସଙ୍ଗଠନର ବିରୋଧ କ୍ରମେ ଭୂତଳ ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥା ପକ୍ଷରୁ କାମ ବନ୍ଦ ରହିଥିଲା। ଏନେଇ ଖୋର୍ଦ୍ଧା ନାଗରିକ ମଞ୍ଚ ଏମ୍ପି ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଷଡ଼ଙ୍ଗୀ ଏସମ୍ପର୍କରେ କେନ୍ଦ୍ର ଭୂପୃଷ୍ଠ ଓ ପରିବହନ ମନ୍ତ୍ରୀ ନୀତିନ ଗଡକାରୀଙ୍କ ସହ ଆଲୋଚନା କରିଥିଲେ।

## ଆର୍ଟିଆଇ ପକ୍ଷରୁ ଶ୍ରେଣୀଗୃହର ଶୁଭାରମ୍ଭ

କଟକ ଅଫିସ୍,୧୩ା୭



ଯୁବ ସଂଗଠନ ରାଉଣ୍ଡ ଟେବୁଲ ଇଣ୍ଡିଆ (ଆର୍ଟିଆଇ)ର ରାଜ୍ୟଶାଖା ଭୁବନେଶ୍ୱର ରାଉଣ୍ଡ ଟେବୁଲ-୫୩ ପକ୍ଷରୁ ସ୍ଥାନୀୟ କଲ୍ୟାଣପୁରଠାରେ ଥିବା ସରସ୍ୱତୀ ଶିଶୁମନ୍ଦିର ପରିସରରେ ୪ଟି ଶ୍ରେଣୀଗୃହର ଶୁଭାରମ୍ଭ କରାଯାଇଛି। ରାଉଣ୍ଡ ଟେବୁଲ ଏରିଆ ୧୬ର ଚେୟାରମ୍ୟାନ ଟିଆର୍ ଶ୍ୟାମାଶିଷ ଲେଙ୍କାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେ କହିଛନ୍ତି, ୧୯୫୭ରେ ପ୍ରତିଷ୍ଠିତ ଆର୍ଟିଆଇ ୫୭ଟି ଦେଶରେ କାର୍ଯ୍ୟ କରୁଛି। ଦେଶରେ ୧୬୦ରୁ ଅଧିକ ସହର ଏବଂ ୩୫୦ରୁ ଅଧିକ ଟେବୁଲ ଦ୍ୱାରା ସଂଗଠନ ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଛି।

## ଚିତ୍ରରେ ଶ୍ରୀଜଗନ୍ନାଥଙ୍କ ଲୀଳା

ଭୁବନେଶ୍ୱର, ୧୩ା୭ (ବ୍ୟୁରୋ)

ଧଉଳି ଚାରୁ କଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଠିତ କଳାକାର ଗ୍ରୁପର ଚିତ୍ରଶିଳ୍ପୀଙ୍କ ଦ୍ୱାରା ଏକ ଅନ୍ଲାଇନ୍ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଦର୍ଶନୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଲୀଳା, ଭକ୍ତ ଓ ଭଗବାନଙ୍କ ସମ୍ପର୍କ ଏବଂ ରଥଯାତ୍ରାର ବିଷୟ ବସ୍ତୁକୁ ନେଇ ୪୩ଟି ସୃଜନଶୀଳ ଚିତ୍ରକଳା ସ୍ଥାନିତ ହୋଇଛି। ଏଗୁଡିକ ଫେସ୍ବୁକ ଓ ଇନ୍ଷ୍ଟାଗ୍ରାମ୍ ପେଜ୍ରେ ପ୍ରଦର୍ଶିତ ହେଉଛି। ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ପଞ୍ଚାନନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସର୍ଫୁଦ୍ଦିନ ଅହମ୍ମଦ, ସମ୍ମାନିତ ଅତିଥି ଭାବେ ପ୍ରବାଳ ମଲ୍ଲିକ, ଧଉଳି ଚାରୁ କଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦନ ସାମଲ ଏବଂ ସସ୍ମିତା କାମିଲା, ରାମଶଙ୍କର ସାହୁ ପ୍ରମୁଖ ଯୋଗଦେଇ ପ୍ରଶଂସା କରିଥିଲେ। ଈଶ୍ୱର କୁମାର ମହନ୍ତ, ଜୟଦ୍ରଥ ମଣ୍ଡଳ, ନିବେଦିତା ମହନ୍ତ, ନିରଞ୍ଜନ ନାୟକ, ବିଶ୍ୱଦୀପ ବିଶ୍ୱାଳ ପ୍ରମୁଖ ୩୦ଜଣ ଚିତ୍ରଶିଳ୍ପୀ ଅଂଶ ଗ୍ରହଣ କରି ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ।

# କବାଡ଼ିଖାନାରେ 'ମୋ ସାଇକେଲ୍'

ଭୁବନେଶ୍ୱର, ୧୩ା୭ (ବ୍ୟୁରୋ)

**୨୫ହଜାରରେ କିଣା ସାଇକେଲ ୫ଶହରେ ବିକ୍ରି**



ସ୍ମାର୍ଟସିଟି ରାଜଧାନୀକୁ ପ୍ରଦୂଷଣମୁକ୍ତ କରିବା ସହିତ ଲୋକଙ୍କ ମଧ୍ୟରେ ସାଇକେଲ୍ ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ୨୦୧୮ରେ ମୋ ସାଇକେଲ୍ ଯୋଜନା ଆରମ୍ଭ ହୋଇଥିଲା। ବିଭିନ୍ନ ନାମୀଦାମୀ କମ୍ପାନୀର ରଙ୍ଗବେରଙ୍ଗ ସାଇକେଲ ସହରର ବିଭିନ୍ନ ଛକରେ ରଖାଯାଇଥିଲା। ଏକ ସ୍ୱତନ୍ତ୍ର ଆପ୍ ମାଧ୍ୟମରେ ନାମ ପଞ୍ଜୀକୃତ କରିବା ପରେ ଏହାକୁ ବ୍ୟବହାର କରାଯାଉଥିଲା। ହେଲେ ମାତ୍ର କିଛିଦିନ ମଧ୍ୟରେ ରାଜଧାନୀବାସୀ ମୋ ସାଇକେଲ୍ରୁ ମୁହଁ ଫେରାଇ ନେଇଥିଲେ। କାରଣ ଅଧିକାଂଶ ଲୋକ ଏହି ଆପ୍ର ବ୍ୟବହାର ଜାଣିପାରି ନଥିଲେ। ଏହା ବ୍ୟତୀତ ସାଇକେଲ୍ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇ ନ ପାରିବାରୁ ତାହା ଏଣେତେଣେ ବର୍ଜ୍ୟବସ୍ତୁ ଭଳି ପଡ଼ିରହିଲା। ହଜାର ହଜାର ଟଙ୍କାରୀ କିଣାଯାଇଥିବା ସାଇକେଲକୁ ଏବେ କବାଡ଼ିଆ ହାତକୁ ଟେକି ଦିଆଯାଇଛି। ମଙ୍ଗଳବାର ପାତ୍ରପଡ଼ା ନିକଟସ୍ଥ ଏକ କବାଡ଼ିଖାନାରେ ଶହଶହ ମୋ ସାଇକେଲ ସ୍କ୍ରାପିଂ ପାଇଁ ପଡ଼ି ରହିଥିବା ଦେଖିବାକୁ ମିଳିଛି। ସେଥିମଧ୍ୟରୁ କେତେକ ସାଇକେଲ ଭଲ ଅବସ୍ଥାରେ ଥିବାବେଳେ ଆଉ କେତେକ ନଷ୍ଟ ହୋଇ ସାରିଛି।

ଏ ସମ୍ପର୍କରେ କବାଡ଼ି ଦୋକାନ ମାଲିକ ସେକ୍ ଆଜିଜୁଲାଏକ୍ କହିଛନ୍ତି, ହାକ୍ସି କମ୍ପାନୀ ଠାରୁ ୨୫୦ଟି ସାଇକେଲ ୫ଶହ ଟଙ୍କା ଲେଖାରେ କିଣିଛି। ସାଇକେଲ୍ରେ ଲାଗିଥିବା ଜିପିଏସ୍ ମେଶିନ୍କୁ କମ୍ପାନୀକୁ ଫେରାଇ ଦେବାପରେ ନଷ୍ଟ ହୋଇଯାଇଥିବା ସାଇକେଲଗୁଡ଼ିକୁ କଟାଯାଉଛି। ଅପରପକ୍ଷେ କମ୍ପାନୀର ଅପରେଶନ ମ୍ୟାନେଜର ସୂର୍ଯ୍ୟକାନ୍ତ ଦଳବେହେରା ସଫେଇ ଦେଇ କହଛନ୍ତି, ବିଏମ୍ସି ସହିତ ଆମର ୧ହଜାର ସାଇକେଲ ଦେବା ପାଇଁ ଚୁକ୍ତି ହୋଇଥିଲା। ପରେ ସାଇକେଲର ଚାହିଦାକୁ ଦେଖି ଆଉ ୪ଶହ ସାଇକେଲ ଦିଆଯାଇଥିଲା। ତେବେ ସେହି ଅତିରିକ୍ତ ସାଇକେଲଗୁଡ଼ିକ ମଧ୍ୟରୁ ଖରାପ ହୋଇଥିବା କିଛି ସାଇକେଲକୁ ଭାଙ୍ଗି ତାହାର ଯନ୍ତ୍ରାଂଶକୁ ବାହାର କରାଯାଉଛି। ଫଳରେ ଅନ୍ୟ ସାଇକେଲ୍ରେ ସେଗୁଡିକୁ ବ୍ୟବହାର କରାଯାଇପାରିବ ବୋଲି କହିଛନ୍ତି। ଘଟଣା ସମ୍ପର୍କରେ ବୁଝିବା ପାଇଁ ଦାୟିତ୍ୱରେ ଥିବା ବିଏମ୍ସି ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇ ଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ।

ସୂଚନାଯୋଗ୍ୟ, ୨୦୧୮ ମସିହାରେ ୬କୋଟି ଟଙ୍କା ବ୍ୟୟରେ ହାକ୍ସି, ୟୋନୋ ଓ ୟୁଲୁ କମ୍ପାନୀଠାରୁ ବିଏମ୍ସି ୨ହଜାର ସାଇକେଲ କିଣିଥିଲା। ଗୋଟିଏ ସାଇକେଲକୁ ୨୫ହଜାର ଟଙ୍କାରେ କିଣାଯାଇଥିଲା। ଏନେଇ କମ୍ପାନୀଗୁଡ଼ିକ ସହିତ ୫ବର୍ଷ ପାଇଁ ଚୁକ୍ତି ମଧ କରାଯାଇଥିଲା। ସେହିପରି ଲୋକଙ୍କୁ ସାଇକେଲ ଚାଳନା ପ୍ରତି ଆକୃଷ୍ଟ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାଇକେଲ ଟ୍ରାକ୍ ତିଆରି ହୋଇଥିଲା। ତେବେ ଅବଧି ନ ସରୁଣୁ ମାତ୍ର ଦୁଇ ବର୍ଷ ଭିତରେ ଯୋଜନା ତା'ର ଅସ୍ତିତ୍ୱ ହରାଇ ସାରିଛି। ଯୋଜନା ପରେ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବିଏମ୍ସି ଯେ ଏଗୁଡ଼ିକୁ ପରିଚାଳନା କରିବାରେ ବିଫଳ ହେଉଛି ତାହା ସ୍ପଷ୍ଟ ପ୍ରମାଣିତ ହୋଇଛି।



"ବିଏମ୍ସିର ସବୁ ଯୋଜନା ଏଭଳି ଅଧାପନ୍ତରିଆ। କେବଳ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଯୋଜନା କରନ୍ତି, ଆଉ କିଛି ଦିନ ପରେ ସେସବୁ ଏପରି ଦିଗହରା ହୋଇପଡ଼େ। ବିଶେଷକରି ମୋ ସାଇକେଲ ଯୋଜନାରେ ବ୍ୟବହୃତ ହେଉଥିବା ଆପ୍ ତ୍ରୁଟିପୂର୍ଣ୍ଣ ଥିଲା। ଫଳରେ ଲୋକମାନେ ଏଥିରୁ ମୁହଁ ଫେରାଇ ଆଣିଲେ।

-ଭାସ୍କର ବଳ, ରାଜଧାନୀବାସୀ



"ସାଇକେଲଗୁଡିକର ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଉ ନ ଥିବାରୁ ଅଧିକାଂଶ ସାଇକେଲ ନଷ୍ଟ ହୋଇଯାଇଛି। ତେଣୁ କବାଡ଼ିଖାନାକୁ ଯିବା କିଛି ବଡ଼ କଥା ନୁହେଁ। ତେବେ ଏଭଳି ଭାବେ ଯୋଜନା ନାଁରେ କୋଟି କୋଟି ଟଙ୍କା ପାଣିରେ ପକାଇବା ଠିକ୍ କଥା ନୁହେଁ।

-ଆଶିଷ କୁମାର ମହାନ୍ତି, ରାଜଧାନୀବାସୀ

## ଫିଲାଟେଲିକ୍ ବ୍ୟୁରୋ କାର୍ଯ୍ୟାଳୟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

**କଟକ ଅଫିସ:** କଟକ ବକ୍ସିବଜାରଠାରେ ଥିବା ଓଡ଼ିଶାର ପ୍ରଥମ ଫିଲାଟେଲିକ୍ ବ୍ୟୁରୋ କାର୍ଯ୍ୟାଳୟକୁ ଭୁବନେଶ୍ୱର ସ୍ଥାନାନ୍ତର କରାଯିବା ନେଇ ଡାକ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ମଙ୍ଗଳବାର ବ୍ୟୁରୋ କାର୍ଯ୍ୟାଳୟରେ ଡାକବିଭାଗର ଏଭଳି ନିଷ୍ପତ୍ତିକୁ ଡାକ ଟିକଟ ସଂଗ୍ରହକାରୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ସ୍ୱାଧୀନତା ପରେ ରାଜ୍ୟରେ ପ୍ରଥମ ଫିଲାଟେଲିକ ବ୍ୟୁରୋ କାର୍ଯ୍ୟାଳୟ ବକ୍ସିବଜାରରେ ଖୋଲାଯାଇଥିଲା। ଏହାର ଏକ ସ୍ୱତନ୍ତ୍ର ପରିଚୟ ରହିଛି।

# ଗୋରୁ ପାଇଁ ଟ୍ରାଫିକ୍ ସମସ୍ୟା

କଟକ ଅଫିସ, ୧୩।୭

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳର ରାସ୍ତାଘାଟଠାରୁ ଆରମ୍ଭକରି ସାହି, ବସ୍ତି, ବଜାର ସବୁଠି ବୁଲା ଗୋରୁ ଓ ଷଣ୍ଢଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ସହର ଅଧିକାଂଶ ଗୋପାଳକ ନିଜ ଗୋରୁଙ୍କୁ ଗୁହାଳରେ ନ ରଖି ରାସ୍ତାଘାଟରେ ଅବାଧରେ ଛାଡ଼ିଦେଉଥିବା ଦେଖାଯାଇଛି। ରିଙ୍ଗରୋଡ, ଦୋଳମୁଣ୍ଡାଇ, ଚୌଧୁରୀବଜାର, ଚାଉଳିଆଗଞ୍ଜ, ଲିଙ୍କ୍ ରୋଡ, ନୟାସଡ଼କ ଆଦି ଜନଗହଳିପୂର୍ଣ୍ଣ ରାସ୍ତାରେ ଗୋରୁ ଓ ଷଣ୍ଢ ମାଳମାଳ ହୋଇ ବୁଲୁଥିବାରୁ ସହରରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡୁଛି। ଏଥିଯୋଗୁ ସାଧାରଣ ଲୋକେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଦୁର୍ଘଟଣା ମଧ୍ୟ ଘଟୁଛି।

ରାସ୍ତାରେ ବୁଲୁଥିବା ଗୋରୁଙ୍କୁ ଧରିନେଇ କାଞ୍ଜିଆହୁଦାରେ ରଖିବା ଲାଗି ସିଏମ୍‌ସି ପକ୍ଷରୁ ବ୍ୟବସ୍ଥା ରହିଛି। ସହରର ୩ ସ୍ଥାନ ସତୀଚଉରା, ବକ୍ସିବଜାର ଓ ନୂଆପଡ଼ାରେ କାଞ୍ଜିଆହୁଦା ରହିଛି। ତେବେ କେବଳ ସତୀଚଉରା କାଞ୍ଜିଆହୁଦା କାର୍ଯ୍ୟକ୍ଷମ ରହିଛି। ବକ୍ସିବଜାର କାଞ୍ଜିଆହୁଦାରେ ତାଲା ଝୁଲୁଥିବାବେଳେ ଅନ୍ୟ ଏକ କାଞ୍ଜିଆହୁଦାର ସ୍ଥିତି ଜଣାପଡୁନାହିଁ। ସେହିପରି ସହରରେ ବୁଲାଗୋରୁଙ୍କୁ ଧରିବା ପାଇଁ ମାତ୍ର ୨ଟି ଗାଡ଼ି ରହିଛି।




### କାର୍ଯ୍ୟକ୍ଷମ ରହିଛି ଗୋଟିଏ କାଞ୍ଜିଆହୁଦା

ଏ ନେଇ ସିଏମ୍‌ସିର ଆସିଷ୍ଟାଣ୍ଟ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସରୋଜ ଆଚାର୍ଯ୍ୟ କହିଛନ୍ତି, ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ସିଏମ୍‌ସି ଗାଡ଼ି ବୁଲି ୧୫ରୁ ୧୬ ଗୋରୁ ଧରିଥାଏ। ଧରା ହେଉଥିବା ଗୋରୁ ମାଲିକଙ୍କଠାରୁ ୩୦୦ ଟଙ୍କା ଜରିମାନା ଆଦାୟ କରାଯାଉଛି। ତେବେ ୭ଦିନ ମଧ୍ୟରେ ମାଲିକ ଯଦି ଜରିମାନା ଦେଇ ଗୋରୁ ନ ନିଅନ୍ତି ତାହାଲେ ଆମେ ତାହାକୁ ନେଇ ସହରଠାରୁ ୨୦ କିମି ଦୂରରେ ଛାଡ଼ି ଦେଇଥାଉ। କୋଭିଡ୍ ସମୟ ଥିବାରୁ ଲୋକେ ଭାବୁଛନ୍ତି କି ସିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। କିନ୍ତୁ ଆମେ ଠିକ ଭାବେ କାମ କରୁଛୁ। ଆଗକୁ ଆହୁରି ଯୋଜନା ରହିଛି ଯାହାଦ୍ୱାରା ସହରରେ ବୁଲା ଗୋରୁଙ୍କୁ ନେଇ ଉପୁଜୁଥିବା ସମସ୍ୟା ହ୍ରାସ ପାଇବ।

### ନୀରବଦ୍ରଷ୍ଟା ସାଜିଛି ସିଏମ୍‌ସି



ବେଫିକର ଭାବେ ନିଜ ଗୋରୁଙ୍କୁ ରାସ୍ତାରେ ଛାଡ଼ିଦେଉଥିବା ଲୋକଙ୍କ ପ୍ରତି ସିଏମ୍‌ସି ନୀରବଦ୍ରଷ୍ଟା ସାଜିଥିବା ମନେ ହେଉଛି। ଫଳରେ ସହରରେ ଦିନକୁ ଦିନ ବୁଲା ଗୋରୁଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି।

**-ଉମାକାନ୍ତ ସାହୁ, ସ୍ଥାନୀୟ ବାସିନ୍ଦା**

### ରାସ୍ତାରେ ଆରାମ କରୁଛନ୍ତି ଗୋମାତା



ସହରର ଅନେକ ସ୍ଥାନରେ ରାସ୍ତାରେ ଗୋମାତା ଆରାମ କରୁଛନ୍ତି। ଗାଡ଼ି ହର୍ନ ଶୁଣି ବି ଟିକେ ହଲଚଲ୍ ହେଉନାହାନ୍ତି। ଗାଡ଼ି ଚାଳକ ଟିକେ ଅନ୍ୟମନସ୍କ ହେଲେ ଏମାନଙ୍କ ସହ ଧକ୍କା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ହେଲେ ସିଏମ୍‌ସି ଆଖିବୁଜି ବସିଛି।

**-ଅରବିନ୍ଦ ନାୟକ, ସ୍ଥାନୀୟ ବାସିନ୍ଦା**

## ସଂକ୍ଷେପରେ

### ଘର ଉପରକୁ ବୋମାମାଡ଼: ଯୁବକ ଗିରଫ

**କଣ୍ଟାପଡା,୧୩।୭(ଡି.ଏନ.ଏ.):** ଗୋବିନ୍ଦପୁର ଥାନା ଅଧୀନ ବ୍ରାହ୍ମଣବାଟୀ ଗ୍ରାମର ଜଣଙ୍କ ଘର ଉପରକୁ ସୋମବାର ବୋମାମାଡ ହୋଇଥିଲା। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ନିଆଳି ଥାନା ଅଧୀନ ଡିହୁଡି ଗ୍ରାମର ରାଜେଶ ସ୍ୱାଇଁ। ପୋଲିସ ସୂତ୍ରରୁ ପ୍ରକାଶ, ବ୍ରାହ୍ମଣବାଟୀ ଗ୍ରାମର ଜଣେ ଯୁବତୀଙ୍କ ସହ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କର ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ରହିଥିଲା। ଗତ ୭ ତାରିଖରେ ଯୁବତୀଙ୍କର ଅନ୍ୟତ୍ର ବିବାହ ହୋଇଥିଲା। ଏଥିରେ ପ୍ରେମିକ ଉତ୍ୟକ୍ତ ହେବା ସହ ଜଣେ ଯୁବକଙ୍କୁ ସୁପାରି ଦେଇ ଯୁବତୀଙ୍କ ଘର ଉପରକୁ ବୋମାମାଡ କରାଇଥିଲେ। ତେବେ ଏଥିରେ କିଛି କ୍ଷତି ହୋଇନାହିଁ। ଏ ନେଇ ଯୁବତୀଙ୍କ ବୁଢ଼ୀମାଆ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୮୩/୨୧) ରୁଜୁ କରିଛି।

### ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ: ଯୁବକ ଗିରଫ

**କଟକ ଅଫିସ,୧୩।୭:** ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ ଘଟଣାରେ ମହିଳା ଥାନା ପୋଲିସ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କ୍ୟାଣ୍ଟନମେଣ୍ଟ ଥାନା ଅଞ୍ଚଳର ଭି. ରମେଶ ରାଓ। ଅଭିଯୋଗ ଅନୁଯାୟୀ, କ୍ୟାଣ୍ଟନମେଣ୍ଟ ଥାନା ଅଞ୍ଚଳର ଏକ ବସ୍ତିରେ ଶିଶୁକନ୍ୟା ଶୋଇଥିଲେ। ରବିବାର ରାତି ପ୍ରାୟ ୧ଟାରେ ରାଓ ତାଙ୍କ ଘରେ ପଶି ବଳାତ୍କାର ଉଦ୍ୟମ କରିଥିଲେ। ଫଳରେ ପାଖରେ ଶୋଇଥିବା ତାଙ୍କ ମାଆ ପ୍ରତିବାଦ କରିବାରୁ ରାଓ ତାଙ୍କୁ ଗାଳିଗୁଲଜ କରିବା ସହିତ ଧମକ ଦେଇଥିଲେ। ଏ ନେଇ ଶିଶୁକନ୍ୟାଙ୍କ ମାଆ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

### ମଦ ଜବତ: ୪ ଗିରଫ

**ସାଲେପୁର,୧୩।୭(ଡି.ଏନ୍.ଏ.):** ସାଲେପୁର ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ବେଳେ ଶିଶୁଆ ବ୍ୟାରେଜ୍ ଛକ ନିକଟରୁ ୫୭ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ କାଜିହାଟ ଅଞ୍ଚଳର ଗୌରାଙ୍ଗ ଦାସ, ରାଇସୁଙ୍ଗୁଡ଼ାର ସୁକାନ୍ତ ବେହେରା, ନବକିଶୋର ଭୋଇ, ସୁଶୀଲ ବେହେରା। ଅଭିଯୁକ୍ତମାନେ ପୃଥକଭାବେ ମଦ ନେଇ ବିକ୍ରି କରିବାକୁ ଯାଉଥିବା ବେଳେ ଅବକାରୀ ଟିମ୍ ସେମାନଙ୍କୁ ଧରିଥିଲା। ଏନେଇ ପୃଥକ୍ ଭାବେ ମାମଲା (ନଂ.୨୬,୨୭,୨୮ ଓ ୨୯/୨୧) ରୁଜୁ ହୋଇଛି।

### ତୈଳ ଦର ବୃଦ୍ଧି ପ୍ରତିବାଦରେ ୧୫ରେ ଓଡ଼ିଶା ବନ୍ଦ

**କଟକ ଅଫିସ,୧୩।୭:** ପେଟ୍ରୋଲ, ଡିଜେଲ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ପ୍ରତିବାଦରେ ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ ଆସନ୍ତା ୧୫ରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏନେଇ ସିପିଆଇ(ଏମ୍) ପକ୍ଷରୁ କଟକ କଲେଜଛକସ୍ଥିତ ଅଫିସରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିପିଆଇ କଟକ ଜିଲା ସମ୍ପାଦକ ଅମରେନ୍ଦୁ ମହାନ୍ତି ସଭାପତିତ୍ୱ କରି କହିଥିଲେ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦର ବୃଦ୍ଧି ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଲାଣି। କେବଳ ପେଟ୍ରୋଲ ଉପରେ କେନ୍ଦ୍ର ସରକାର ପ୍ରାୟ ୩୪ ଟଙ୍କା ଓ ରାଜ୍ୟ ସରକାର ୨୯ ଟଙ୍କା ଟିକସ ନେଉଛନ୍ତି। ଏଣୁ ଉକ୍ତ ଆନ୍ଦୋଳନକୁ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ସିପିଆଇ(ଏମ୍)ର କଟକ ନଗର କମିଟି ସମ୍ପାଦକ ପ୍ରତାପ ମହାପାତ୍ର, ଜିଲା କମିଟି ସଭ୍ୟ ମଧୁସୂଦନ ପତି, ଅଭୟ ସ୍ୱାଇଁ, ମନମୋହନ ପତି, ସୁବାସ ଚନ୍ଦ୍ର ବେଜ୍, ଚନ୍ଦ୍ରକାନ୍ତ ବେହେରା, ସିପିଆଇ ପକ୍ଷରୁ ବିନୋଦ ବେହେରା ଉପସ୍ଥିତ ଥିଲେ।

## କିଲ୍‌ଖାନା ଟେଣ୍ଡର ବାତିଲ ହେଉ

କଟକ ଅଫିସ,୧୩।୭

ସ୍ଥାନୀୟ ନେହେରୁପଲ୍ଲୀ କିଲ୍‌ଖାନା ଅଞ୍ଚଳର ମାଂସ ବ୍ୟବସାୟୀଙ୍କ ସମସ୍ୟା ସମାଧାନ ପାଇଁ ଅଲ୍ ଓଡ଼ିଶା ନନ୍‌ଭେଜ୍ ଟ୍ରେଡର୍ସ ଫେଡେରେଶନ (ଏଓଏନ୍‌ଭିଟିଏଫ୍) ପକ୍ଷରୁ ସିଏମ୍‌ସି କମିଶନରଙ୍କ ଉଦ୍ଦେଶ୍ୟରେ ଯୁଗ୍ମ କମିଶନରଙ୍କୁ ମଙ୍ଗଳବାର ଦାବିପତ୍ର ଦିଆଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ନେହେରୁପଲ୍ଲୀ କିଲ୍‌ଖାନା ଓ ଛେଳିମାଂସ ମାର୍କେଟର ଅକ୍ସନ ଗତ ଜୁନ୍‌ରେ ହୋଇଥିଲା। ଏହାପରେ ଗତ ୫ରେ ଜଣେ ବ୍ୟକ୍ତି ୮୦,୦୧୧ ଟଙ୍କାରେ ନିଲାମ ନେଇଥିବା ଜଣାପଡିଥିଲା। ବର୍ତ୍ତମାନ ସମ୍ପୃକ୍ତ ବ୍ୟକ୍ତି ମାସକୁ ୪୦ ହଜାର ଟଙ୍କା ପଇଠ କରିବା ପାଇଁ ମାଂସ ବ୍ୟବସାୟୀଙ୍କୁ ଦାବି କରୁଛନ୍ତି। ତେବେ ନେହେରୁପଲ୍ଲୀ କିଲ୍‌ଖାନାର ଟେଣ୍ଡର ବାତିଲ କରାଯାଇ ପୁନର୍ବାର ନିଲାମ ଡକାଯାଉ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଫେଡେରେଶନ୍‌ର ରାଜ୍ୟ ସଭାପତି ଶେଖ୍ ମୁନ୍ତାକିମ ବକ୍ସଙ୍କ ନେତୃତ୍ୱରେ ନେହେରୁପଲ୍ଲୀ କିଲ୍‌ଖାନା ସଭାପତି ଶେଖ ହାସିମ୍, ସମ୍ପାଦକ ମିର୍ଜା ସଲମାନ ବେଗ, ଉପସଭାପତି ଶେଖ୍ ରମଜାନ ଅଲ୍ଲି, ମହମ୍ମଦ ସଫିକୁର ରହେମାନ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ତୈଳ ଦର ହ୍ରାସ ଦାବିରେ ବିକ୍ଷୋଭ



ତୈଳ ଦର ହ୍ରାସ ଦାବିରେ ଏଆଇଏମ୍ଏସ୍ଏସ୍ ସଙ୍ଗଠନ ପକ୍ଷରୁ ମଙ୍ଗଳବାର କଟକ କୃଷକ ବଜାରଠାରେ ବିକ୍ଷୋଭ ପ୍ରଦର୍ଶନ।

କଟକ ଅଫିସ/ଆଠଗଡ଼,୧୩।୭(ସ୍ୱ.ପ୍ର.)

ତୈଳ ଦର ହ୍ରାସ ଦାବିରେ ଏଆଇଏମ୍ଏସ୍ଏସ୍ ସଙ୍ଗଠନ ପକ୍ଷରୁ କଟକ କୃଷକ ବଜାରଠାରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କରୋନା ଯୋଗୁ ମଧ୍ୟବିତ୍ତଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଏହି ସମୟରେ ପେଟ୍ରୋଲ ଓ ଡିଜେଲର ଆକାଶଛୁଆଁ ମୂଲ୍ୟ ବୃଦ୍ଧି ବେଡି ଉପରେ କୋରଡା ମାଡ ସଦୃଶ। ଏଣୁ ସରକାର ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ କରିବା, କରୋନା ତୃତୀୟ ଲହର ନିୟନ୍ତ୍ରଣ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ସହ ସମସ୍ତଙ୍କୁ ବିନାମୂଲ୍ୟରେ ଟିକା ଦେବା, ମଦକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। କଟକ ଜିଲା କମିଟି ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ସିପ୍ରା ମହାନ୍ତି, ସ୍ୱାଧୀନ ବେହେରା, ସୁଜାତା ମହାପାତ୍ର, ପୂଜା ନାୟକ, ସନ୍ଧ୍ୟାରାଣୀ ବେହେରା, ସୁକାନ୍ତି ସାହୁ, ରୂପା ବେହେରା, ମୀରା ମହାନ୍ତି, ବେଙ୍ଗ ନାୟକ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

ଅତ୍ୟାବଶ୍ୟକ ଦ୍ରବ୍ୟ ଓ ତୈଳଜାତ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ହିନ୍ଦ୍ ମଜଦୁର ସଭା ଆଠଗଡ଼ ଶାଖା ତରଫରୁ ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ବୀରକିଶୋରପୁର ଛକରୁ ଏକ ପ୍ରତିବାଦ ଶୋଭାଯାତ୍ରା ବାହାରି ସହର ପରିକ୍ରମା ଥିଲା। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ପ୍ରତିବାଦ ସଭାରେ ପୂର୍ବତନ ସରପଞ୍ଚ ଅଶୋକ ରାଉତ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ହିନ୍ଦ ମଜଦୁର ସଭା ଯୁବମୋର୍ଚ୍ଚା ଓଡ଼ିଶା ଶାଖାର ସଭାପତି ବିଜୟ ଭୂଷଣ ପତି, ସମ୍ପାଦକ ବିରଜା କିଙ୍କର ନାୟକ, ମନୋରଞ୍ଜନ ମହାନ୍ତି ଓ ସନ୍ତୋଷ ସାମଲ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପ ଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ଦିଆଯାଇଥିଲା।

## ୪ ଶ୍ରେଣୀଗୃହ ଶୁଭାରମ୍ଭ

କଟକ ଅଫିସ,୧୩।୭

ଭୁବନେଶ୍ୱର ରାଉଣ୍ଡ ଟେବୁଲ-୫୩ ପକ୍ଷରୁ ସ୍ଥାନୀୟ କଲ୍ୟାଣପୁରଠାରେ ଥିବା ସରସ୍ୱତୀ ଶିଶୁମନ୍ଦିର ପରିସରରେ ୪ଟି ଶ୍ରେଣୀଗୃହର ଶୁଭାରମ୍ଭ କରାଯାଇଛି। ରାଉଣ୍ଡ ଟେବୁଲ ଏରିଆ ୧୬ର ଚେୟାରମ୍ୟାନ ଟିଆର୍ ଶ୍ୟାମାଶିଷ ଲେଙ୍କାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଉଣ୍ଡ ଟେବୁଲ ଇଣ୍ଡିଆ (ଆର୍‌ଟିଆଇ) ହେଉଛି ଏକ ଶକ୍ତିଶାଳୀ ଯୁବ ସଂଗଠନ ଯାହାକି ରାଷ୍ଟ୍ର ନିର୍ମାଣ ସମ୍ପର୍କରେ କାର୍ଯ୍ୟ କରୁଛି ଏବଂ ଫେଲୋଶିପ୍ ମାଧ୍ୟମରେ ସେବାକୁ ଅଧିକ ପ୍ରୋତ୍ସାହିତ କରିବାକୁ ଚେଷ୍ଟା ଜାରି ରଖିଛି। ଭାରତରେ ରାଉଣ୍ଡ ଟେବୁଲ ଇଣ୍ଡିଆ (ଆର୍‌ଟିଆଇ) ୧୯୫୭ରେ ପ୍ରତିଷ୍ଠିତ ହୋଇଥିଲା ଏବଂ ସାରା ବିଶ୍ୱରେ ୫୭ ଗୋଟି ଦେଶରେ ଏହାର ସଂଗଠନ ରହିଛି। ଦେଶରେ ୧୬୦ରୁ ଅଧିକ ସହର ଏବଂ ୩୫୦ରୁ ଅଧିକ ଟେବୁଲ ଦ୍ୱାରା ସଂଗଠନ ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଛି।

## କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ

କଟକ ଅଫିସ/ନିଶ୍ଚିନ୍ତକୋଇଲି (ସ୍ୱ.ପ୍ର.),୧୩।୭

କଟକ ଗୌରୀଶଙ୍କର ପାର୍କ ପରିସରରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିସହ ପାର୍କରେ ଥିବା ଗୌରୀଶଙ୍କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଶା ଆବାହକ ଡ. ବିଜୟାନନ୍ଦ ସିଂ, ସ୍ତମ୍ଭକାର ଡ. ସତ୍ୟ ରାୟ, ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରମୁଖ ଯୋଗଦେଇଥିଲେ। ସ୍ମୃତି ସଂସଦ ସମ୍ପାଦକ ଇନ୍ଦ୍ରଜିତ୍ ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, କାୟସ୍ଥ ସଭାର ଉପସଭାପତି ଇଂ. ଜଗନ୍ନାଥ ବୋଷ, ଡ. ବିଶ୍ୱଜିତ୍ ଘୋଷ, ବିକାଶ ଘୋଷ, ଶଙ୍କର ନାରାୟଣ ଓ ତନ୍ମୟଜିତ୍ ପ୍ରମୁଖ ଉପସ୍ଥିତ ଥିଲେ। ଅଜିତ୍ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୌରୀଶଙ୍କରଙ୍କ ଜୟନ୍ତୀ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକ, ଆଦିତ୍ୟ ପ୍ରତାପ ଧଳ, ସରୋଜିନୀ ମିଶ୍ର, କାର୍ଯ୍ୟନିର୍ବାହିକା ସମିତିସଭ୍ୟ ସୁନାମଣି ରାଉତ, ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଗଜେନ୍ଦ୍ର କୁମାର ପାଣି, ଶରତ ଚନ୍ଦ୍ର ଦାଶ, ଦେବ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱରଠାରେ କର୍ମବୀର ଗୌରୀଶଙ୍କରଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଛି। ଅସୁରେଶ୍ୱର ପଞ୍ଚାୟତସ୍ଥିତ ଗୌରୀଶଙ୍କର ରାୟ ଉଦ୍ୟାନ ପରିସର ଓ ଦୀକ୍ଷିତପଡାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଗୌରୀଶଙ୍କର ଉଦ୍ୟାନ ପରିସରରେ ହୋଇଥିବା କାର୍ଯ୍ୟକ୍ରମରେ ଗିରିଶ ରଞ୍ଜନ ମହାପାତ୍ର, ସରପଞ୍ଚ ମହେଶ୍ୱର ବାରିକ ଓ ବ୍ରଜମୋହନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।


କଟକ ଗୌରୀଶଙ୍କର ପାର୍କ ପରିସରରେ ଥିବା ଗୌରୀଶଙ୍କର ରାୟଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିବା ବ୍ୟକ୍ତିବୃନ୍ଦ।

## ପୁନଃ ନିଯୁକ୍ତି ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

କଟକ ଅଫିସ,୧୩।୭

ନୟାଗଡ଼ ଜିଲା ପାରା ମେଡିକାଲ ଷ୍ଟାଫ୍ ଛଟେଇ ପ୍ରସଙ୍ଗର ଶୁଣାଣି ଗତ ୮ରେ ହାଇକୋର୍ଟରେ ହୋଇଥିଲା। ତେବେ ଛଟେଇ ହୋଇଥିବା ଫାର୍ମାସିଷ୍ଟ, ଷ୍ଟାଫ୍‌ନର୍ସ ଓ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଆଦି ପାରା ମେଡିକାଲ ଷ୍ଟାଫଙ୍କୁ ପୁନଃନିଯୁକ୍ତି ପାଇଁ ଆସନ୍ତା ୩ ମାସ ମଧ୍ୟରେ ପଦକ୍ଷେପ ନେବାକୁ ହାଇକୋର୍ଟ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୟାଗଡର ସ୍ୱାସ୍ଥ୍ୟକର୍ମୀ ବିକ୍ରମ କେଶରୀ ମାତାଗଞ୍ଜସିଂହ, ସ୍ୱର୍ଣ୍ଣଲତା ପାଣିଙ୍କ ସମେତ ୪୫ଜଣଙ୍କ ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ ବି. ଆର. ଷଡଙ୍ଗୀ ଏହି ରାୟ ଦେଇଛନ୍ତି।

### ପାରା ମେଡିକାଲ ଷ୍ଟାଫ୍ ଛଟେଇ ପ୍ରସଙ୍ଗ

କୋଭିଡ୍ ମହାମାରୀ ଯୋଗୁ ଜରୁରିକାଳୀନ ଭିତ୍ତିରେ ଗତବର୍ଷ ମାର୍ଚ୍ଚ ୨୭ରେ ନୟାଗଡ଼ ଜିଲା ପାଇଁ ପାରା ମେଡିକାଲ ଷ୍ଟାଫ୍ ପଦବୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏପ୍ରିଲ ୧୨ ପରଠାରୁ ସେମାନଙ୍କୁ ନିଯୁକ୍ତି ମିଳିଥିଲା। ହେଲେ ଡିସେମ୍ବରରେ ହଠାତ ଛଟେଇ କରିଦିଆଗଲା। ଏନେଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ, ୨୦୨୧ ମେ' ୩ରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ୧୦୦ ଦିନ ଡ୍ୟୁଟି କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ୱାସ୍ଥ୍ୟବୀମା, ଚାକିରିକୁ ନିୟମିତ କରାଇବା ଓ ଛଟେଇ ହୋଇଥିବା କର୍ମଚାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯାଉ। ସେହିପରି ଓଡ଼ିଶା ଗ୍ରୁପ ସି ଓ ଗ୍ରୁପ ଡି ପୋଷ୍ଟ(ଚୁକ୍ତିଭିତ୍ତିକ ନିଯୁକ୍ତି) ନିୟମ, ୨୦୧୩ ଅନୁଯାୟୀ ନିୟମିତ କରାଯିବାକୁ ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ, ସ୍ୱତନ୍ତ୍ର ସଚିବ, ଡିଏମ୍ଇଟି, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଆଇନଜୀବୀ ରମାକାନ୍ତ ଷଡଙ୍ଗୀ ମାମଲା ପରିଚାଳନା କରୁଛନ୍ତି।

## ଉତ୍କଳ ସେବକ ସମାଜ ପକ୍ଷରୁ ଅକ୍ସିଫ୍ଲୋମିଟର ପ୍ରଦାନ

କଟକ ଅଫିସ,୧୩।୭

କରୋନା ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍କଳ ସେବକ ସମାଜ ପକ୍ଷରୁ ମଙ୍ଗଳବାର ୩୦୦ ଅକ୍ସିଫ୍ଲୋମିଟର ସିଟି ହସ୍ପିଟାଲ୍‌କୁ ପ୍ରଦାନ କରାଯାଇଛି। ସଙ୍ଗଠନର ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳଙ୍କ ଉଦ୍ୟମରେ ଏହି ଅକ୍ସିଫ୍ଲୋମିଟର ସିଟି ହସ୍ପିଟାଲ ଅଧୀକ୍ଷକ ସୁଧାଂଶୁ ଭୂଷଣ ଗିରିଙ୍କୁ ପ୍ରଦାନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ କହିଛନ୍ତି, ଏହି ଅକ୍ସିଫ୍ଲୋମିଟର ସମ୍ଭାବ୍ୟ ତୃତୀୟ ଲହରକୁ ପ୍ରତିହତ କରିବାରେ ସହାୟକ ହେବ। ଏହି ଅକ୍ସିଫ୍ଲୋମିଟର ପ୍ରଦାନବେଳେ ସଙ୍ଗଠନର ଯୁବ ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ, ସିଟି ହସ୍ପିଟାଲ୍‌ର ଫାର୍ମାସିଷ୍ଟ ନାରାୟଣ ତିୱାରୀ, ଉତ୍କଳ ସେବକ ସମାଜର ପ୍ରଶାସନିକ ଅଧିକାରୀ ମଳୟ କୁମାର ଷଡଙ୍ଗୀ, ପ୍ରକଳ୍ପ ଅଧିକାରୀ ପ୍ରମୋଦ କୁମାର ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଦୋକାନ ଜଳିଗଲା

ସାଲେପୁର,୧୩।୭(ଡି.ଏନ୍.ଏ.)

ସାଲେପୁର ଥାନା ଗେଟ୍ ସମ୍ମୁଖରେ ଥିବା ଏକ ଦୋକାନ କ୍ୟାବିନରେ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡିଯାଇଛି। କୌଣସି ଦୁର୍ବୃତ୍ତ ଉକ୍ତ କ୍ୟାବିନରେ ନିଆଁ ଲଗେଇ ଦେଇଛନ୍ତି ବୋଲି ଏହି ଥାନା ଅନ୍ତର୍ଗତ କୋଲଣପୁର ଗ୍ରାମର ପ୍ରେମାନନ୍ଦ ମଲିକ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ନିଆଁରେ ଫ୍ରିଜ୍, ଇନ୍‌ଭର୍ଟର, ଫ୍ୟାନ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ପୋଡିଯାଇଛି।

## ଭାରିଯାନ ଚଳାଚଳ ବନ୍ଦ ଦାବିରେ ରାସ୍ତାରୋକୋ

ନିଶ୍ଚିନ୍ତକୋଇଲି,୧୩।୭(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକର କଟିକଟା-ଜୟପୁର ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁ ଦୁର୍ଘଟଣା ହେବା ସହ ରାସ୍ତା ନଷ୍ଟ ହେଉଛି। ଏହାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଦେବେନ୍ଦ୍ର ସାହୁଙ୍କ ନେତୃତ୍ୱରେ ମଙ୍ଗଳବାର ଅସୁରେଶ୍ୱର ପଞ୍ଚାୟତର କୁଳଗାଇଶାଳୋଠାରେ ବ୍ଲକ କଂଗ୍ରେସ ତରଫରୁ ସ୍ୱଳ୍ପ ସମୟ ପାଇଁ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଭାରପ୍ରାପ୍ତ ତହସିଲଦାର ଉମାକାନ୍ତ ବିଶ୍ୱାଳ, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଚିନ୍ମୟୀ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ରାସ୍ତାରେ ବାଲି ନେଇ କୌଣସି ଭାରିଯାନ ଯାତାୟାତ କରିବ ନାହିଁ ବୋଲି ଭାରପ୍ରାପ୍ତ ତହସିଲଦାର ବିଶ୍ୱାଳ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।


କଂଗ୍ରେସ କର୍ମୀମାନେ ରାସ୍ତାରୋକୋ କରିଛନ୍ତି।

- ବାରମ୍ବାର ଦୁର୍ଘଟଣା ହେଉଛି
- ନଷ୍ଟ ହେଉଛି ରାସ୍ତା

## ସଚେତନତା ମାଧ୍ୟମରେ ଶିଶୁ ସୁରକ୍ଷାକୁ ଗୁରୁତ୍ୱ

କଟକ ଅଫିସ,୧୩।୭

ଜିଲା ଶିଶୁ ସୁରକ୍ଷା କମିଟି ଏବଂ ଟାସ୍କ ଫୋର୍ସ କମିଟିର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଭର୍ଚୁଆଲ ମୋଡ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି ପ୍ରତି ତ୍ରୈମାସିକ ଦ୍ୱିତୀୟ ମାସର ୨୦ ତାରିଖକୁ ଶିଶୁ ସୁରକ୍ଷା ଦିବସ ଘୋଷଣା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ ଯୋଗଦେଇ ତୃଣମୂଳ ସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ପ୍ରତ୍ୟେକ ୩ ମାସରେ ପିଲାଙ୍କ ପାଇଁ ଦିନଟିଏ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବା ଲାଗି ପରାମର୍ଶ ଦେବା ସହ ଶିଶୁ ସୁରକ୍ଷା ସମ୍ପର୍କରେ ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଜିଲାରେ କାର୍ଯ୍ୟକାରୀ ହେଉଥିବା ଆଶୀର୍ବାଦ ଯୋଜନା, ବାଲ୍ୟବିବାହ ନିରୋଧ କାର୍ଯ୍ୟକ୍ରମ, ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା, ବିଜୁ ଶିଶୁ ସୁରକ୍ଷା ଯୋଜନା, ବେଟି ବଚାଓ ବେଟି ପଢାଓ ଯୋଜନା, ଗ୍ରୀନ୍ ପ୍ୟାସେଜ ଯୋଜନା, ମହିଳା ଓ ଶିଶୁ ବିକାଶ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ବେହେରା ଯୋଗଦେଇ ବ୍ଲକ, ପଞ୍ଚାୟତ ସ୍ତରରେ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିପରି ଶିଶୁ ମଙ୍ଗଳ କମିଟି ସଦସ୍ୟ ଅମିୟ ଭୂଷଣ ବିଶ୍ୱାଳ ଜିଲାରେ ବାଲ୍ୟବିବାହ ଓ ଶିଶୁଶ୍ରମିକ ସମସ୍ୟା ସମାଧାନ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ନିମ୍ନ ମଧ୍ୟବିତ୍ତ ପରିବାର ସନ୍ତାନମାନଙ୍କୁ ବିବାହ ଯୋଗ୍ୟ ବୟସରେ ଆର୍ଥିକ ପ୍ରୋତ୍ସାହନ ଦେବା ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପିଡି ଡିଆରଡିଏ ଅମ୍ବର କର, ସିଡିଏମଓ ସତ୍ୟବ୍ରତ ଛୋଟରାୟ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ମନ୍ଦାକିନୀ ଜେନା, ଘାସିରାମ ପଣ୍ଡାଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

**ଦୁଇ ମାମଲାରେ ୬ ଗିରଫ**

ଜଟଣୀ,(ଡି.ଏନ୍.ଏ.): ଜଟଣୀ ପୋଲିସ ଦୁଇଟି ମାମଲାରେ ସମ୍ପୃକ୍ତ ଥିବା ୬ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ୨ଟି ମୋବାଇଲ ଫୋନ ଜବତ ହୋଇଛି। ଏମାନଙ୍କ ନାମରେ ଦୁଇଟି ମାମଲା(ନଂ.୨୪୪/୨୧, ୩୧୭/୨୧)ରୁଜୁ ରହିଛି। ଜଟଣୀ ଓ ଏହାର ଆଖପାଖ ଅଞ୍ଚଳରୁ ମୋବାଇଲ ଫୋନ ଲୁଟିନେବା ଓ ବିଭନ୍ନ ଅପରାଧରେ ସମ୍ପୃକ୍ତ ରହିଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ କହିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଷୀ ମୃତ

**ବୋଲଗଡ଼,୧୩।୭(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅସରଳାଦଳ ପଞ୍ଚାୟତ ଅନ୍ତର୍ଗତ ପୁଆଣିଆ ଗ୍ରାମରେ ମଙ୍ଗଳବାର ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଧରଣୀଧର ପାଲଟାସିଂହ(୫୯)। ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ଧରଣୀଧର ବିଲରେ ଚାଷ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ଏକ ସାପ କାମୁଡି ଦେବାରୁ ଅସୁସ୍ଥ ହୋଇପଡିଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ରେଲଓ୍ୱେ ଷ୍ଟେଶନରେ ଚେକିଂ କଡ଼ାକଡ଼ି

**ଜଟଣୀ,୧୩।୭(ଡି.ଏନ୍.ଏ.):** ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧୀନରେ ରହିଥିବା ରେଳଷ୍ଟେଶନରେ ଅସାଧୁ ଉପାୟରେ ରେଳ ଟିକେଟ୍ ବିକ୍ରି କରୁଥିବା ଦଲାଲଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ରେଳମଣ୍ଡଳ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ରେଳମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅମିତେଶ ଆନନ୍ଦଙ୍କ ନେତୃତ୍ୱରେ ବିଭିନ୍ନ ପ୍ଲାଟଫର୍ମ, ଟ୍ରେନରେ ଅନଧିକୃତ ପ୍ରବେଶ ଓ ଯାତ୍ରୀ ସଂରକ୍ଷଣ ସେବା କାଉଣ୍ଟରରେ ଦଲାଲଙ୍କୁ ରୋକିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ବାଣିଜ୍ୟିକ ଅଧିକାରୀ, ବାଣିଜ୍ୟିକ ନିରୀକ୍ଷକ, କ୍ୟାଟରିଂ ନିରୀକ୍ଷକ, ଟିକେଟ୍ ଯାଞ୍ଚ କର୍ମଚାରୀ ଏବଂ ରେଳ ସୁରକ୍ଷାବଳଙ୍କୁ ନେଇ ଏକ ଟିମ ଗଠନ କରାଯାଇ ବିଭିନ୍ନ ଷ୍ଟେଶନରେ ବିନା ଟିକେଟ୍‌ରେ ଯାତ୍ରା କରୁଥିବା ଯାତ୍ରୀ, ରେଳ ଷ୍ଟେଶନରେ ବୁଲୁଥିବା ବ୍ୟକ୍ତି ଓ ଟ୍ରେନ୍‌ରେ ଖାଦ୍ୟପେୟ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଠାବ କରି ଆଇନ ଅନୁଯାୟୀ ଦଣ୍ଡିତ କରାଯାଉଛି। ଆଗକୁ ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି ରେଳପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ୪୬ ୟୁନିଟ ରକ୍ତ ସଂଗ୍ରହ



**ଖୋର୍ଦ୍ଧା ଅଫିସ,୧୩।୭:** ବେଗୁନିଆ ବ୍ଲକ ହଜ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏହାକୁ ଉଦ୍‌ଘାଟନ ସହ ଚାରାରୋପଣ କରିଥିଲେ। ୪୬ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବିଜୁ ଯୁବ ଜନତା ଦଳ ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ବିଭୂତି ଭୂଷଣ ମହାନ୍ତି, ବ୍ଲକ ଅଧକ୍ଷା ଜାନକୀ ସ୍ୱାଇଁ, ଦୀପ୍ତିରଞ୍ଜନ ସାହୁ, ସତ୍ୟନାରାୟଣ ପ୍ରଧାନ, ଜିଲା ପରିଷଦ ସଭ୍ୟ ଅର୍ଜୁନ ପ୍ରଧାନ, ହଜ ସରପଞ୍ଚ ପୁଲକ ବଡ଼ଜେନା, ବିରୋଜ ରଥ, ପ୍ରଣବ ରାୟ, ବାବୁଲି ମହାରଣା, ପ୍ରଦୀପ ବେହେରା, ସତ୍ୟପ୍ରକାଶ ସାହୁ, ପରମାନନ୍ଦ ସାହୁ, ଶୁଭକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତ ରାଜା ଗିରଫ

**ଦଧିମାଛଗାଡ଼ିଆ ଗୁଳିକାଣ୍ଡ ମାମଲା**

- ବନ୍ଧୁକ ସହ ୪ ଗୁଳି ଜବତ
- ପୂର୍ବରୁ ୩ଜଣ ଗିରଫ ହୋଇଥିଲେ



ଗିରଫ ଅଭିଯୁକ୍ତ।

**ଖୋର୍ଦ୍ଧା ଅଫିସ,୧୩।୭**

ଖୋର୍ଦ୍ଧା ସଦର ଥାନା ଅଧୀନ ଦଧିମାଛଗାଡିଆ ଲାଲା ପ୍ରଧାନ ହତ୍ୟାକାଣ୍ଡ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଗ୍ରାମର ରାଜା ଓରଫ ବଳରାମ ଦଳେଇ। ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ ଓ ୪ଟି ଗୁଳି ଜବତ ହୋଇଛି। ତେବେ ପୂର୍ବରୁ ଏହି ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ଜଣଙ୍କୁ ଗିରଫ କରିଥିଲା।

ସୂଚନା ମୁତାବକ, ଦଧିମାଛଗାଡିଆର ଲାଲା ପ୍ରଧାନଙ୍କ ସହ ଉକ୍ତ ଗ୍ରାମର ଅନ୍ୟ ଏକ ଗୋଷ୍ଠୀ ସହ ବିବାଦ ରହିଥିଲା। ୨୦୨୦ ଜୁନ ୧୪ରେ ରଜ ଉତ୍ସବ ଲାଗି ଚାରିଆଡେ ଉତ୍ସାହ ରହିଥିବା ବେଳେ ଦଧିମାଛଗାଡିଆ ନିକଟ ପଡିଆରେ କେତେଜଣ ଦୁର୍ବୃତ୍ତ ଲାଲାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଖବରପାଇ ସଦର ଡିଏସ୍‌ପି ସୁଶୀଲ ମିଶ୍ର, ସଦର ଥାନାଧିକାରୀ ଅନିତା ସାହୁ, ସାଇଣ୍ଟିଫିକ ଟିମ ସହ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପରିବାରଲୋକଙ୍କ ଅଭିଯୋଗକ୍ରମେ ଥାନାରେ ଏକ ହତ୍ୟା ମାମଲା (ନଂ.୧୦୪/୨୦) ରୁଜୁ ହୋଇଥିଲା। ସଦର ଡିଏସ୍‌ପି ମିଶ୍ର ଏହାର ତଦନ୍ତ ଦାୟିତ୍ୱରେ ରହିଥିଲେ। ଏଥିଲାଗି ୩ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ତା’ ପରଦିନ ସେହି ଗ୍ରାମର ଗୁଡୁ ଓରଫ ସଞ୍ଜୟ ବେହେରାଙ୍କୁ ପୋଲିସ ଗିରଫ କରିଥିଲେ। ପରବର୍ତ୍ତୀ ସମୟରେ ପ୍ରେମା ଓରଫ ବିଶ୍ୱରଞ୍ଜନ ଜେନା ଏବଂ ମାମଲାର ମୁଖ୍ୟ ଅଭିଯୁକ୍ତ ମିକି ଓରଫ ମନୋରଞ୍ଜନ ସାହୁଙ୍କୁ ଗିରଫ କରିଥିଲା। ତେବେ ଏହି ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ରାଜା ଫେରାର ରହିଥିଲା। ସୋମବାର ସେ ଗ୍ରାମକୁ ଆସିଥିବା ଖବରପାଇ ଏସ୍‌ପି ରାଜକିଶୋର ଦୋରା ଏବଂ ସଦର ଡିଏସ୍‌ପି ମିଶ୍ରଙ୍କ ତତ୍ତ୍ୱାବଧାନରେ ସଦର ଥାନାଧିକାରୀ ଅନିତା ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମରେ ଚଢ଼ାଉ କରି ଧରିଥିଲେ।

**ପୂର୍ବରୁ ଗିରଫ ହୋଇଥିଲେ ମୁଖ୍ୟ ଅଭିଯୁକ୍ତ ମିକି**

ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ମିକିଙ୍କୁ ୨୦୨୦ ଜୁଲାଇ ୮ରେ ଟାଉନ ଥାନା ପୋଲିସ ଜଟଣୀ ବାଇପାସରୁ ଗିରଫ କରିଥିବା ନେଇ ତତ୍‌କାଳୀନ ଡିଆଇଜି ଆଶିଷ ସିଂ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ତାଙ୍କ ଠାରୁ ସାଢେ ୩କୋଟି ମୂଲ୍ୟର ୩କେଜି ୬୦୨ଗ୍ରାମ ବ୍ରାଉନସୁଗାର, ବାଇକ, ବନ୍ଧୁକ, ଗୁଳି, ପ୍ୟାକିଂ ମେସିନ, ମୋବାଇଲ, ୧୬ହଜାର ୫ଶହ ଟଙ୍କା ଜବତ ହୋଇଥିଲା। ଏନେଇ ତାଙ୍କ ବିରୋଧରେ ଟାଉନ ଥାନାରେ ଆଇପିସି୨୧(ସି)/୨୯ଏନଡିପିଏସ ଆକ୍ଟ/୨୫ ଆର୍ମ ଆକ୍ଟରେ ଏକ ମାମଲା (ନଂ.୨୩୨/୨୦)ରୁଜୁ ହୋଇଛି। ୨୦୧୯ ଜୁନ ୬ରେ ଏସଟିଏଫ ଇନିସ୍ପେକ୍ଟର ଆଲୋକ କୁମାର ଜେନାଙ୍କ ଉପରକୁ ଗୁଳି ଚଳାଇବା ନେଇ ତାଙ୍କ ବିରୋଧରେ ଟାଉନ ଥାନାରେ ଏକ ମାମଲା (ନଂ.୧୮୭/୨୦) ରୁଜୁ ହୋଇଥିଲା।

# ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ହେବ ଓଭରବ୍ରିଜ

- ନିଜିଗଡ଼ ଟାପଙ୍ଗ ଓ ତୋଟାପଡ଼ାରେ ଅଣ୍ଡରପାସ୍
- ଟୁଇଟ କରି ଜଣାଇଲେ ଏମ୍‌ପି ଅପରାଜିତା

**ଖୋର୍ଦ୍ଧା ଅଫିସ,୧୩।୭**

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଫ୍ଲାଏଓଭର ବ୍ରିଜ୍ ଏବଂ ନିଜିଗଡ଼ ଟାପଙ୍ଗ ଓ ପଲ୍ଲା ତୋଟାପଡ଼ା ଛକରେ ଅଣ୍ଡରପାସ(ହାଲୁକା ଯାନ) ନିର୍ମାଣ ଲାଗି କେନ୍ଦ୍ର ସରକାରଙ୍କ ଭୂପୃଷ୍ଠ ଓ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ସ୍ୱୀକୃତି ମିଳିଛି। ଏହି ୩ଟି ପ୍ରକଳ୍ପ ନିର୍ମାଣ ଲାଗି ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ୧୬.୬୮ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଭୁବନେଶ୍ୱର ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡ଼ଙ୍ଗୀ ଟୁଇଟ କରି ଜଣାଇଛନ୍ତି। ଏଥିପାଇଁ ଷଡ଼ଙ୍ଗୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଭୂପୃଷ୍ଠ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମିଳିଥିବା ସୂଚନାନୁସାରେ ୧୬ନମ୍ବର ଜାତୀୟ ରାଜପଥରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଫ୍ଲାଏଓଭର ପରିବର୍ତ୍ତେ ଭୂତଳ ରାସ୍ତା ନିର୍ମାଣକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି କି ଖୋର୍ଦ୍ଧା ନାଗରିକ ମଞ୍ଚ ସମେତ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଏହାର ତୀବ୍ର ବିରୋଧ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ଅପରପାର୍ଶ୍ୱରେ ଜିଲା ଆରକ୍ଷୀ ଅଧୀକ୍ଷକ ଏବଂ ଜିଲା ଯୋଗାଣ ବିଭାଗର କାର୍ଯ୍ୟାଳୟ ରହିଛି। ଉଭୟ ପାର୍ଶ୍ୱରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ରାସ୍ତାର ଆର ପାର୍ଶ୍ୱରେ ବିଭିନ୍ନ ଗ୍ରାମ ମଧ୍ୟ ରହିଛି। ଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ଲୋକେ ଆସୁଛନ୍ତି। ଗତ ଏପ୍ରିଲ ପହିଲାରେ ବିଭିନ୍ନ ସଙ୍ଗଠନର ବିରୋଧ କ୍ରମେ ଭୂତଳ ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥା ପକ୍ଷରୁ କାମ ବନ୍ଦ ରହିଥିଲା। ଏନେଇ ଖୋର୍ଦ୍ଧା ନାଗରିକ ମଞ୍ଚ ଏମ୍‌ପି ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଷଡ଼ଙ୍ଗୀ ଏସମ୍ପର୍କରେ କେନ୍ଦ୍ର ଭୂପୃଷ୍ଠ ଓ ପରିବହନ ମନ୍ତ୍ରୀ ନୀତିନ ଗଡକାରୀଙ୍କ ସହ ଆଲୋଚନା କରିଥିଲେ।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ୟୁଜିସି ୧୨-ବି ମାନ୍ୟତା

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ୧୨-ବି ମାନ୍ୟତା ମିଳିଛି। ଏ ନେଇ ୟୁଜିସି ପକ୍ଷରୁ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ଚିଠି ଲେଖି ଜଣାଯାଇଛି। ଏଣିକି ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ଅନୁଦାନ ମିଳିବା ସହ ବିଭିନ୍ନ ଗବେଷଣା ଓ ଏକାଡେମିକ୍ କାର୍ଯ୍ୟ ଆରମ୍ଭ ହୋଇପାରିବ। କେନ୍ଦ୍ର ଓ ଅନ୍ୟାନ୍ୟ ଏଜେନ୍ସିରୁ ପାଣ୍ଠି ଗ୍ରହଣ କରିବା ପାଇଁ ୧୨-ବି ମାନ୍ୟତା ବାଧ୍ୟତାମୂଳକ। ଏହି ମାନ୍ୟତା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ପ୍ରସ୍ତାବ ଦାଖଲ କରିଥିଲେ। ଗତ ଫେବୃୟାରୀ ୧୭ ଓ ୧୮ରେ ୟୁଜିସି ବିଶେଷଜ୍ଞ କମିଟି ବିଶ୍ୱବିଦ୍ୟାଳୟ ପରିଦର୍ଶନ ଆବଶ୍ୟକ ଯୋଗ୍ୟତା ପରଖିଥିଲେ। ବିଶ୍ୱବିଦ୍ୟାଳୟ ଦ୍ୱାରା ଦାଖଲ କରାଯାଇଥିବା ଅନୁପାଳନ ସହ ବିଶେଷଜ୍ଞ କମିଟିର ରିପୋର୍ଟ ୟୁଜିସିର ସ୍ଥାୟୀ କମିଟି ଆଗରେ ରଖାଯାଇଥିଲା। କମିଟି ରିପୋର୍ଟରେ ସମୀକ୍ଷା କରି ବିଶ୍ୱବିଦ୍ୟାଳୟକୁ ୧୨-ବି ମାନ୍ୟତାର ଅନୁମୋଦନ ପାଇଁ ସୁପାରିସ କରିଥିଲା। ୟୁଜିସି ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ସୁପାରିସ ଓ ୟୁଜିସି ବିଶେଷଜ୍ଞ କମିଟିର ରିପୋର୍ଟ ଆଧାରରେ ଅନୁଷ୍ଠିତ ବୈଠକରେ ୧୨ (ବି) ମାନ୍ୟତା ପ୍ରଦାନ କରାଯାଇଛି।




ତୈଳଦର ବୃଦ୍ଧି ପ୍ରତିବାଦରେ ଖୋର୍ଦ୍ଧା ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ମଙ୍ଗଳବାର ବାହାରିଥିବା ଶୋଭାଯାତ୍ରା।

# ଯୌତୁକ ପାଇଁ ପୋଡ଼ି ମାରିଦେଲେ

**ସ୍ୱାମୀ, ଶାଶୁ ଓ ଦେଢ଼ଶୁର ଗିରଫ**

**ବାଣପୁର,୧୩।୭(ଡି.ଏନ୍.ଏ.)**

ବାଣପୁର ଥାନା ଅଧୀନ ମାଳିଗୋବିନ୍ଦପୁର ଗ୍ରାମରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ କିରୋସିନ ଢ଼ାଳି ପୋଡ଼ି ମାରିଦେଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ମୃତା ହେଲେ ଏହି ଗ୍ରାମର ଟିଟୁ ରଣାଙ୍କ ସ୍ତ୍ରୀ ରିଙ୍କି ନାୟକ। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୨୪୬/୨୧)ରୁଜୁକରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ୱାମୀ ଟିଟୁ, ଶାଶୁ ପ୍ରମିଳା ବେଓ୍ୱା ଓ ଦେଢଶୁର ବିନାୟକ ରଣା। ଅଭିଯୋଗ ମୁତାବକ, ବାଣପୁର ଥାନା ଅଧୀନ ଦକ୍ଷ ପ୍ରଜାପତି ସାହିର ସୁକାନ୍ତ ନାୟକଙ୍କ ବଡ଼ ଝିଅ ରିଙ୍କି ୪ବର୍ଷ ପୂର୍ବେ ମାଳିଗୋବିନ୍ଦପୁର ଗ୍ରାମର ଟିଟୁଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ୩୦ହଜାର ଟଙ୍କା ସମେତ ୨ଲକ୍ଷ ଟଙ୍କାର ସୁନାଗହଣା ଓ ଆସବାବପତ୍ର ଦିଆଯାଇଥିଲା। ତେବେ ବିବାହର ଚାରିମାସ ପରେ ବାପଘରୁ ଅଧିକ ଯୌତୁକ ବାବଦରେ ଲକ୍ଷେ ଟଙ୍କା ଆଣିବା ପାଇଁ ଶାଶୁଘର ଲୋକେ ରିଙ୍କିଙ୍କୁ କହିଥିଲେ। ସେ ଏଥିରେ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଇଥିଲେ। ଇତି ମଧ୍ୟରେ ତାଙ୍କର ଗୋଟିଏ ପୁଅ ହୋଇଥିଲେ ମଧ୍ୟ ନିର୍ଯାତନା କମି ନଥିଲା। ଗତ ଶନିବାର ରାତିରେ କୌଣସି କାରଣରୁ ରିଙ୍କିଙ୍କ ଦେହରେ ନିଆଁ ଲାଗି ସେ ଗୁରୁତର ହୋଇପଡିଥିଲେ। ଚିକିତ୍ସା ପାଇଁ ରିଙ୍କିଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ରାତିରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରିଙ୍କିଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ କଟକ ବଡ ଡାକ୍ତରଖାନା ଫାଣ୍ଡି ଅଧିକାରୀ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପରେ ମୃତଦେହ ହସ୍ତାନ୍ତର କରିଥିଲେ। ରିଙ୍କିଙ୍କ ବାପଘରେ ନ ଜଣାଇ ସୋମବାର ଶାଶୁଘର ଲୋକେ ଗ୍ରାମ ଶ୍ମଶାନରେ ମୃତଦେହ ସଂସ୍କାର କରିଦେଇଥିଲେ। ତାଙ୍କ ଝିଅକୁ କିରୋସିନ ଢ଼ାଳି ଶାଶୁଘର ଲୋକେ ମାରିଦେଇଛନ୍ତି ବୋଲି ରିଙ୍କିଙ୍କ ମା’ ରଞ୍ଜନା ବାଣପୁର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମମାଲା ରୁଜୁକରି ୩ ଜଣଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

# ମାରଣାସ୍ତ୍ର ଦେଖାଇ ୭୦ହଜାର ଟଙ୍କା, ସ୍କୁଟି ନେଇଗଲେ

**ନିରାକାରପୁର,୧୩।୭(ଡି.ଏନ୍.ଏ)**

ନିରାକାରପୁର ଥାନା ଅଧୀନ ଖଜୁରିପଡା ସାହି ପୁରୁଣା ସ୍କୁଲ ନିକଟରୁ ମଙ୍ଗଳବାର ଦୁଇଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଏକ ଅର୍ଥ ଲଗାଣକାରୀ ସଂସ୍ଥାର ଦୁଇ ଯୁବତୀ କର୍ମଚାରୀଙ୍କଠାରୁ ୭୦ହଜାର ଟଙ୍କା ଓ ସ୍କୁଟି ନେଇଯାଇଥିବା ଜଣାପଡିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, କର୍ମଚାରୀଦ୍ୱୟ ଟଙ୍କା କଲେକ୍ସନ କରି ନିରାକାରପୁର ଷ୍ଟେଶନ ରଥ କଲୋନୀରେ ଥିବା ଶାଖା କାର୍ଯ୍ୟାଳୟକୁ ଯାଉଥିଲେ। ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ସେମାନଙ୍କୁ ଖଜୁରିପଡା ସାହି ପୁରୁଣା ସ୍କୁଲ ନିକଟରେ ହଠାତ୍ ଅଟକାଇଥିଲେ। ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ସ୍କୁଟିକୁ ହାଣିବା ସହ ଭୟଭୀତ କରାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ସେମାନଙ୍କଠାରୁ ୭୦ହଜାର ଟଙ୍କା ଓ ସ୍କୁଟି ନେଇ ଫେରାର ହୋଇଯାଇଥିଲେ। ପରେ କର୍ମଚାରୀଦ୍ୱୟ ଘଟଣା ସମ୍ପର୍କରେ ଶାଖା କାର୍ଯ୍ୟାଳୟରେ ଜଣାଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ତୈଳ ଦର ବୃଦ୍ଧିକୁ କଂଗ୍ରେସର ବିରୋଧ

**ଖୋର୍ଦ୍ଧା ଅଫିସ,୧୩।୭**

ତୈଳ ଦର ଓ ଦରଦାମ ବୃଦ୍ଧି ପ୍ରତିବାଦରେ ଖୋର୍ଦ୍ଧା ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ମଙ୍ଗଳବାର ପ୍ରତିବାଦ କରାଯାଇଛି। ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଏକାଧିକ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ବିଧାୟକ ରାଉତରାୟ କହିଥିଲେ, କରୋନା ପାଇଁ ଶିଳ୍ପ ସଂସ୍ଥା, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଛି। ଲକ୍ଷାଧିକ ଲୋକ ଜୀବିକା ହରାଇ ଘରେ ବସିଛନ୍ତି। ଫଳରେ ଏମାନଙ୍କ ପରିବାର ଚଳାଇବା କଷ୍ଟକର ହୋଇପଡିଛି। ଏହି ସମୟରେ ତୈଳଦର ବୃଦ୍ଧି ବୋଝ ଉପରେ ନଳିତା ବିଡା ସଦୃଶ୍ୟ ହୋଇଛି। ତୈଳ ଦର ସହ ଅତ୍ୟାବଶ୍ୟକ ସାମଗ୍ରୀ, ଖାଇବା ତେଲ ମଧ୍ୟ ବୃଦ୍ଧି ପାଇଛି। ଦର ନିୟନ୍ତ୍ରଣରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏହି ଶୋଭାଯାତ୍ରାରେ ନଗର କଂଗ୍ରେସ ସଭାପତି ରଞ୍ଜିତ ମହାପାତ୍ର, ବ୍ଲକ ସଭାପତି ବିଶ୍ୱଭୂଷଣ ଛୋଟରାୟ, ପିସିସି ସଭ୍ୟ ଶିଶିର ପରିଡା, ପିସିସି ମୁଖପାତ୍ର ଅମିତ ମହାନ୍ତି, ଜୟନ୍ତୀ ରାୟ, ଟାଙ୍ଗୀ ବ୍ଲକ ସଭାପତି ସୁକାନ୍ତ ରାଉତ, ଯୁବନେତା ପ୍ଲାବନ ପଟ୍ଟନାୟକ, ଦ୍ୱାରିକା ମହାନ୍ତି, ପ୍ରଦେଶ ହରିଚନ୍ଦନ, ବିଭୂତି ଶ୍ରୀଚନ୍ଦନ, ହଲିମ୍ ଖାନ, ବିଭାସ ମହାପାତ୍ର ପ୍ରମୁଖ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ଓଡ଼ିଶା ବନ୍ଦକୁ ସିଆଇଟିୟୁ, ଟ୍ୟାଙ୍କଲରି ସଂଘର ସମର୍ଥନ

**ଜଟଣୀ,୧୩।୭(ଡି.ଏନ୍.ଏ.)**

ଜଟଣୀସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସିଆଇଟିୟୁ ଜଟଣୀ ଶାଖା ସମ୍ପାଦକ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ସିଆଟିୟୁ ସଭାପତି ଜନାର୍ଦ୍ଦନ ପତି, କୋଷାଧକ୍ଷ ପ୍ରସନ୍ନ ଦାସଙ୍କ ସହ ଟ୍ୟାଙ୍କଲରି ସଂଘର ସମ୍ପାଦକ ହାଡ଼ିବନ୍ଧୁ ବେହେରା ଉପସ୍ଥିତ ଥିଲେ। ତୈଳ ଦର ବୃଦ୍ଧି ପ୍ରତିବାଦରେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ୬ ଘଣ୍ଟିଆ ଓଡ଼ିଶା ବନ୍ଦକୁ ସିଆଇଟିୟୁ ଜଟଣୀ ଶାଖା ଏବଂ ଅଲଓଡିଶା ଟ୍ୟାଙ୍କଲରି ପରିବହନ କର୍ମଚାରୀ ସଂଘ ସମର୍ଥନ କରୁଥିବା ନେଇ ଘୋଷଣା କରାଯାଇଛି। କୋଭିଡ୍ ସମୟରେ ସେବା ଯୋଗାଉଥିବା ପେଟ୍ରୋଲ, ଡିଜେଲ, ଗ୍ୟାସ୍ ବିତରଣ ଓ ଟ୍ୟାଙ୍କଲରି ଚାଳକ ଏବଂ ଶ୍ରମିକଙ୍କୁ କରୋନା ଯୋଦ୍ଧା ଘୋଷଣା ପାଇଁ ଦାବି ହୋଇଛି। ୧୫ ତାରିଖ ସକାଳେ ଜଟଣୀସ୍ଥିତ ଭୁବନେଶ୍ୱର ଆଇଓସିଏଲ୍ ସ୍ମାର୍ଟ ଟର୍ମିନାଲଠାରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିସହ ଜଟଣୀ ସହରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିବା ପାଇଁ ଅନୁରୋଧ କରାଯାଇଛି।

# ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ଧାରଣା




ବିଭିନ୍ନ ଦାବିରେ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଧାରଣା।

**ବାଲୁଗାଁ,୧୩।୭(ଡିଏନଏ)**

ଖୋର୍ଦ୍ଧା ଜିଲା ବାଲୁଗାଁ ଡିଭିଜନ ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ମଙ୍ଗଳବାର କାର୍ଯ୍ୟରତ ଶ୍ରମିକ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୦ବର୍ଷ ଧରି ସେସୁ ଅଧୀନ ଫେଡକୋ କମ୍ପାନୀରେ ଏହି କର୍ମଚାରୀମାନେ ମିଟର ରିଡର ଏବଂ ବିଦ୍ୟୁତ ଶୁଳ୍କ ଆଦାୟ ପାଇଁ କାର୍ଯ୍ୟ କରିଆସୁଥିଲେ। ଏକ ବର୍ଷ ହେବ ରାଜ୍ୟ ସରକାରଙ୍କ ଠାରୁ ଟିପିସିଓଡିଏଲ ବିଦ୍ୟୁତ ବିଭାଗ ଦାଇତ୍ୱ ନେଇଛି। କର୍ମଚାରୀମାନେ ଏହି ଟିପିସିଓଡିଏଲ ଅଧୀନରେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ଚୁକ୍ତି ଧାର୍ଯ୍ୟ ସମୟ ସୀମା ସରିବା ଦର୍ଶାଇ ଛଟେଇ ନିମନ୍ତେ ମସୁଧା ଚାଲିଥିବା ଯୋଗୁ କର୍ମଚାରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଟର ରିଡିଂ ଓ ବିଲ କଲେକସନ୍ ଦାୟିତ୍ୱ ପ୍ରଦାନ ଯୋଗୁ କର୍ମଚାରୀ ଏହାକୁ ବିରୋଧ କରିଛନ୍ତି। ବିଭିନ୍ନ ଦାବି ତଥା ଛଟେଇ କର୍ମଚାରୀଙ୍କୁ ପୁନର୍ବାର ନିଯୁକ୍ତି ଦେବା, ବିଦ୍ୟୁତ ଶୁଳ୍କ ଆଦାୟ ନିମନ୍ତେ ଯାଉଥିବା କର୍ମଚାରୀଙ୍କୁ ଗସ୍ତ ଖର୍ଚ୍ଚ ଦେବା, ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଆଦି ଦାବି ନେଇ ୭୦ରୁ ଉର୍ଦ୍ଧ୍ୱ କର୍ମଚାରୀ ବାଲୁଗାଁ ଟିପିସିଓଡିଏଲ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବିଭାଗୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବ ପ୍ରସାଦ ବଳିଆରସିଂହ ପହଞ୍ଚି କର୍ମଚାରୀଙ୍କ ସହ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏହା ପରେ ଧାରଣାରତ କର୍ମଚାରୀଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହ ଦାବି ସମ୍ପର୍କରେ ଆଲୋଚନା କରି ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ପିଲାଙ୍କୁ ପାଠପଢ଼ା ସହ ଯୋଡ଼ିବ ଶିକ୍ଷାରଥ

- ଏକାଡେମିକ କମିଟି ତଦାରଖ କରିବେ
- ୧୦ବ୍ଲକ ଓ ୭୨ଟି କ୍ଲଷ୍ଟର ସ୍ତରୀୟ କମିଟି ଗଠନ
- ଆଜି କମିଟି ସଦସ୍ୟଙ୍କ ସହ ଆଲୋଚନା

**ଖୋର୍ଦ୍ଧା ଅଫିସ,୧୩।୭**

ଖୋର୍ଦ୍ଧା ଜିଲାରେ ସମସ୍ତ ବିଦ୍ୟାର୍ଥୀଙ୍କୁ ଶିକ୍ଷା ଲକ୍ଷ୍ୟରେ ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର ପବିତ୍ର ଗୁଣ୍ଡିଚାରେ ଶିକ୍ଷା ରଥର ଶୁଭାରମ୍ଭ କରିଛନ୍ତି। ଏଣିକି କୌଣସି ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହେବେ ନାହିଁ। ଏଥିଲାଗି ଏକାଡେମିକ ସ୍ତରରେ ୧୦ଟି ବ୍ଲକ ଏବଂ ୭୨ଟି କ୍ଲଷ୍ଟର ସ୍ତରୀୟ କମିଟି ଗଠନ କରାଯାଇଛି। କରୋନା ସମୟରେ ପିଲାଙ୍କ ପାଠପଢ଼ା ବନ୍ଦ ରହିଛି। ୨୦୨୦ ମାର୍ଚ୍ଚରୁ ଖୋର୍ଦ୍ଧା ଜିଲା ପକ୍ଷରୁ ପ୍ରଥମେ ଆରମ୍ଭ ହୋଇଥିବା ହ୍ୱାଟସଆପ ମାଧ୍ୟମ ପାଠ୍ୟକ୍ରମ ଶିକ୍ଷା ସଂଯୋଗ ପରବର୍ତ୍ତି ସମୟରେ ରାଜ୍ୟରେ ଏହା ଓଡ଼ିଶା ଶିକ୍ଷା ସଂଯୋଗ ଭାବେ କାର୍ଯ୍ୟକାରୀ ହୋଇଥିଲା। ପରବର୍ତ୍ତୀ ସମୟରେ ପିଲାଙ୍କ ପାଠପଢ଼ାକୁ ସରଳୀକରଣ ଲାଗି ଜିଲା ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ଅନଲାଇନ ଏବଂ ଅଫଲାଇନରେ ଚାଲିଥିବା ପାଠପଢ଼ାକୁ ତ୍ୱରାନ୍ୱିତ ଲକ୍ଷ୍ୟରେ ଏହି ଏକାଡେମିକ୍ କମିଟି ଗଠନ କରାଯାଇଛି। କରୋନା ସମୟରେ ତୃଣମୂଳସ୍ତରରେ ସମସ୍ତଙ୍କୁ ଶିକ୍ଷା ପ୍ରଦାନ ଲାଗି ଶିକ୍ଷା ରଥ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି ଡିଇଓ ମହାପାତ୍ର କହିଛନ୍ତି। ବୁଧବାର ଶିକ୍ଷା ରଥରେ ଯୋଡି ହୋଇଥିବା ସମସ୍ତ ଶିକ୍ଷାଧିକାରୀ, ସିଆରସିସି, ପ୍ରଧାନଶିକ୍ଷକ, ଶିକ୍ଷକଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ଯୋଜନା ପ୍ରସ୍ତୁତ କରାଯିବ।

ସୂଚନାଥାଉ କି, କରୋନା ସମୟରେ ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଅନଲାଇନ ଚାଲିଥିବା ଶିକ୍ଷା ସଂଯୋଗ, ଓ୍ୱାନ ଷ୍ଟୁଡେଣ୍ଟ ଓ୍ୱାନ ଷ୍ଟେପ, ଶିକ୍ଷା ଶିଖର, ଶିକ୍ଷା ସମ୍ଭବ, ସିଡବ୍ଲ୍ୟୁଏସଏନ, ୟୁ-ଟ୍ୟୁବ ଲାଇଭ କ୍ଲାସ, ଶିକ୍ଷା ସନ୍ଦେଶ, ଶିକ୍ଷା ଦର୍ପଣ ଓ ଏଥିସହ ପିଲାଙ୍କ ପାଠପଢା ସମୟରେ ପିଲାଙ୍କ ପ୍ରଶ୍ନର ସମାଧାନ ପାଇଁ ଏହି ଡାଉଟ କ୍ଲାସ ପାଠପଢା ଚାଲିଛି। କେଉଁ ସ୍କୁଲରେ ପାଠପଢା ସ୍ଥିତି କ’ଣ ରହିଛି, ବିଦ୍ୟାର୍ଥୀଙ୍କ ଆଗ୍ରହ କିପରି ରହିଛି, ଏହି ସମସ୍ତ ଯୋଜନାର ଠିକ୍ ପରିଚାଳନା ଲାଗି ଶିକ୍ଷା ରଥ ଯୋଜନା କରାଯାଇଛି। ଏଥିରେ ଜିଲାର ୧୦ଟି ବ୍ଲକରେ ୧୦ଟି ବ୍ଲକ ସ୍ତରୀୟ କମିଟି ଏବଂ କ୍ଲଷ୍ଟର ସ୍ତରରେ ୭୨ଟି କ୍ଲଷ୍ଟର କମିଟି ଗଠନ କରାଯାଇଛି। ଏମାନେ ନିଜ ଅଞ୍ଚଳରେ ଶିକ୍ଷାର ପ୍ରଗତି ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରିବେ। ବ୍ଲକ ସ୍ତରରେ ବିଇଓ, ଏବିଇଓ ଓ ବିଆରସିସି, ୩ଜଣ ଅଭିଜ୍ଞ ପ୍ରଧାନଶିକ୍ଷକ ଏବଂ ୩ଜଣ ସିଆରସିସି ରହିବେ। ସେହିପରି କ୍ଲଷ୍ଟର ସ୍ତରରେ ଜଣେ ବରିଷ୍ଠ ପ୍ରଧାନଶିକ୍ଷକ, ନିକଟ ଦୁଇଟି କ୍ଲଷ୍ଟର ସିଆରସିସି, ୩ଜଣ ଅଭିଜ୍ଞ ଶିକ୍ଷକ ପ୍ରମୁଖ ରହିବେ। ବ୍ଲକ ସ୍ତରୀୟ କମିଟି ଏକାଡେମିକ ଖସଡା ପ୍ରସ୍ତୁତ କରିବେ। କ୍ଲଷ୍ଟର ସ୍ତରରେ ସମସ୍ତ କାର୍ଯ୍ୟକୁ ଅନୁଧ୍ୟାନ କରିବେ। ଏଥିପାଇଁ ଉପଯୁକ୍ତ ମାର୍ଗଦର୍ଶନ ପ୍ରଦାନ କରିବେ। ଜିଲା ସ୍ତରୀୟ ଅଧିକାରୀ, ବ୍ଲକ ପ୍ରଶାସନ ଏବଂ ବିଭାଗୀୟ ସମନ୍ୱୟରେ କାର୍ଯ୍ୟ କରିବେ। ଅକ୍ଷମତା ପିଲାଙ୍କୁ ବିଶେଷ ଶିକ୍ଷା ବ୍ୟବସ୍ଥାରେ ଚାଲିଥିବା ଆରପି ସିଡବ୍ଲ୍ୟୁଏସଏନ ସହ ସମନ୍ୱୟ ରଖି ଉପଯୁକ୍ତ ଶିକ୍ଷା ପ୍ରଦାନ ପ୍ରତି ଗୁରୁତ୍ୱ ଦେବେ। ବ୍ଲକସ୍ତରରେ ଅଭିଭାବକ ସମ୍ମିଳନୀ, ଖେଳ, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜନ ଲାଗି ଯୋଜନା କରିବେ। ପିଲାଙ୍କ ପାଖରେ ଯେପରି ପାଠ୍ୟପୁସ୍ତକ ପହଞ୍ଚିବ ସେଥିଲାଗି ଦୃଷ୍ଟି ଦେବେ। ସେହିପରି କ୍ଲଷ୍ଟରସ୍ତରୀୟ ଏକାଡେମିକ କମିଟି ହାଇସ୍କୁଲ ସ୍ତରୀୟ ଏକାଡେମିକ ପ୍ଲାନ ପ୍ରସ୍ତୁତ କରିବେ। ସ୍କୁଲର ପାଠପଢା, ପିଲାଙ୍କ ସଂଖ୍ୟା ବୃଦ୍ଧି ସହ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ପିଲାଙ୍କ ଅଲଗା ହ୍ୱାଟ୍ସଆପଗ୍ରୁପ ଗଠନ କରିବେ। ସ୍ମାର୍ଟ ଫୋନ ନ ଥିବା ପିଲାଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କ ପାଠପଢା ପ୍ରତି ଗୁରୁତ୍ୱ ଦେବେ। ମେଧାବୀ ଛାତ୍ରୀଛାତ୍ରଙ୍କୁ ନେଇ ଜୁଲାଇ ୨୦ରୁ ଶିକ୍ଷା ଶିଖର ପାଠ୍ୟକ୍ରମ ଆରମ୍ଭ ହେବ। ଗତବର୍ଷ ଏଥିରୁ ଭଲ ସଫଳତା ମିଳିଥିଲା। ଶିକ୍ଷା ସଂଯୋଗରେ ୫୫ପ୍ରତିଶତ, ଶିକ୍ଷା ଶିଖରରେ ୭୦ପ୍ରତିଶତ, ଶିକ୍ଷା ସମ୍ଭବରେ ୫୦ପ୍ରତିଶତ ତଥା ଶିକ୍ଷା ସନ୍ଦେଶରେ ଜିଲାରେ ସମସ୍ତ ସ୍କୁଲସ୍ତରରେ ଅଭିଭାବକଙ୍କୁ ଯୋଡାଯାଇଛି। ଶିକ୍ଷକମାନେ ଘରକୁ ଘର ବୁଲି ଅଭିଭାବକଙ୍କ ସହ ଆଲୋଚନା କରୁଛନ୍ତି।

**କୋଭିଡ୍ ଯୋଦ୍ଧାଙ୍କୁ ସୁରକ୍ଷା କବଚ ପ୍ରଦାନ**

କଣାସ,(ସ୍ୱ.ପ୍ର.)-କଣାସ ବ୍ଲକରେ କାର୍ଯ୍ୟ କରୁଥିବା ଏଏନ୍ଏମ୍, ଆଶାକର୍ମୀ, ଅଙ୍ଗନୱାଡି କର୍ମୀମାନଙ୍କୁ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଧାୟକଙ୍କ ହାତପାଣ୍ଠିରୁ ସୁରକ୍ଷାକବଚ ବଣ୍ଟନ କରିଥିଲେ। ଉତ୍ସବରେ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ. ରମେଶଚନ୍ଦ୍ର ବେହେରା, ଡା. ସୌଭାଗ୍ୟରଞ୍ଜନ ଜେନା, ଶିଶୁବିକାଶ ଅଧିକାରିଣୀ ପି.ଉଷାରାଣୀଙ୍କ ଉପସ୍ଥିତିରେ ୨୩ଜଣ ଏଏନ୍ଏମ୍, ୧୩୧ଜଣ ଆଶାକର୍ମୀ, ୨୭୧ଜଣ ଅଙ୍ଗନୱାଡି କର୍ମୀଙ୍କୁ ଜଣପିଛା ଦୁଇଟି ସାନିଟାଇଜର୍, ଗୋଟିଏ ୯୫-ମାସ୍କ, ଗ୍ଲୋଭସ୍, ପଲ ଅକ୍ସିମିଟର, ଥର୍ମାଲ ସ୍କାନର୍ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ବିପିଓ ଧନେଶ୍ୱର ସ୍ୱାଇଁ ଓ କଳିଙ୍ଗ ଉପାଧ୍ୟାୟ ପରିଚାଳନା କରିଥିଲେ।





ଆଡପମଣ୍ଡପ ବିଜେ ଅବସରରେ ମଙ୍ଗଳବାର ଶ୍ରୀସୁଦର୍ଶନ, ମଦନମୋହନ, ରାମ ଓ କୃଷ୍ଣଙ୍କୁ ସେବାୟତମାନେ ଆଡପ ମଣ୍ଡପକୁ ବିଜେ କରାଉଛନ୍ତି ।



ମହାପ୍ରଭୁଙ୍କ ପାଇଁ ଶୁଖିଲି ଭୋଗ ନିଆଯାଉଛି ।



ସେବାୟତ ଚକ ଅପସର ନେଉଛନ୍ତି ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୩।୦୭।୨୦୨୧

୧୫୦୨ ଟଙ୍କା

## ସଂକ୍ଷେପରେ

### ଶ୍ରୀମନ୍ଦିର ସମ୍ବନ୍ଧିତ ଡାକ ମୋହର ଉନ୍ମୋଚିତ

ପୁରୀ ଅଫିସ, ୧୩।୭: ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ମଙ୍ଗଳବାର ଡାକ ବିଭାଗ ପକ୍ଷରୁ ପୁରୀ ମୁଖ୍ୟ ଡାକଘର ପରିସରରେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ବନ୍ଧିତ ଏକ ଡାକ ଚିତ୍ର କଳା ମୋହର ଉନ୍ମୋଚିତ ହୋଇଯାଇଛି। ପୁରୀ ପ୍ରଧାନ ଡାକଘରର ଡାକପାଳ ମମତା ପଣ୍ଡା ଏହି ଡାକ ଚିତ୍ରକଳା ମୋହରକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଡାକ ଅଧୀକ୍ଷକ (ଡାକ ମଣ୍ଡଳ) ବିପିନ୍ ବିହାରୀ ମହାନ୍ତି, ସହକାରୀ ଡାକ ଅଧୀକ୍ଷକ ଭଗବାନ ନାୟକ ଏବଂ ସଞ୍ଜୀବ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଡାକ ଚିତ୍ରକଳା ମୋହର କେବଳ ପୁରୀ ପ୍ରଧାନ ଡାକଘରେ ଫିଲୋଟେଲିଷ୍ଟ, ଛାତ୍ରୀଛାତ୍ର ଏବଂ ଆଗ୍ରହୀ ଜନସାଧାରଣଙ୍କ ପାଇଁ ଉପଲବ୍ଧ ହେବ।

### ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସହାୟତା

ପିପିଲି,୧୩।୭(ଡି.ଏନ୍.ଏ.)- ପିପିଲି ବ୍ଲକ ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁର ପଞ୍ଚାୟତ କୁଳଶିଖରପାଟଣା ଗ୍ରାମର ନୃସିଂହ ବାରିକଙ୍କର ଗତ ୬ ତାରିଖରେ ଗାଁ ନିକଟ ରାସ୍ତାରେ ଦୁର୍ଘଟଣା ଘଟି କଟକ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ସେ ଦିନ ମଜୁରିଆ ହୋଇଥିବାରୁ ତାଙ୍କର ଆର୍ଥିକ ଅବସ୍ଥା ଭଲ ନ ଥିଲା। ଏହି ଖବର ପାଇବା ପରେ ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ସପନ କୁମାର ନନ୍ଦ ମୃତ ନୃସିଂହଙ୍କ ପରିବାରକୁ ୧୫ହଜାର ଟଙ୍କା ପ୍ରଦାନ କରିଛନ୍ତି। ଦାଣ୍ଡମୁକୁନ୍ଦପୁର ରାଜସ୍ୱ ନିରୀକ୍ଷକ ଅଭୀଲିପ୍ସା ଏବଂ କୋଷାଧ ଅଶୋକ କୁମାର ମଲିକ ସହାୟତା ରାଶିକୁ ନୃସିଂହଙ୍କ ପତ୍ନୀ ଶୋଭା ବାରିକଙ୍କ ହାତରେ ପ୍ରଦାନ କରିଥିଲେ। ମୃତକଙ୍କୁ ସାହାଯ୍ୟ କରିଥିବାରୁ ପରିବାର ଲୋକେ ଜିଲା ଓ ବ୍ଲକ ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି।

### ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ

ପୁରୀ ଅଫିସ,୧୩।୭: ପୁରୀ ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ରାଜ୍ୟରେ କୋଭିଡ୍ ପରିଚାଳନାରେ ଅନିୟମିତତା, ଫନୀରେ ପରିଚାଳନାଗତ ତ୍ରୁଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଉପକୂଳ ଜାତୀୟ ରାଜପଥ ନିର୍ମାଣ ପାଇଁ ସରକାରଙ୍କ ନୈରାଶ୍ୟଜନକ ମନୋଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାରେ ଭାଜପା କିଭଳି ଭାବେ ଆହୁରି ତୃଣମୂଳ ସ୍ତରରେ ପହଞ୍ଚି ଲୋକଙ୍କୁ ସରକାରୀ ସୁବିଧାସୁଯୋଗ ଯୋଗାଇବାରେ ସହାୟକ କରିବ ସେନେଇ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କୁ ନ୍ୟାୟ ଦେବା ପାଇଁ ଭାଜପା ଦାବି କରିଛି। ଆଗାମୀ ପଞ୍ଚାୟତ ନିର୍ବାଚନ ଓ ପୌରପାଳିକା ନିର୍ବାଚନରେ ଦଳ କିପରି ମଜଭୁତ ସ୍ଥିତିକୁ ଆସିବ ସେନେଇ ଆଲୋଚନା କରାଯାଇଛି। ଏହି ବୈଠକରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜିଲା ପ୍ରଭାରୀ ଲେଖାଶ୍ରୀ ସାମନ୍ତ ସିଂହାର, ପ୍ରଭାତୀ ପରିଡ଼ା, ପୂର୍ବତନ ବିଧାୟକ ରବି ମଲ୍ଲିକ ଏବଂ ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ରଥଯାତ୍ରାରେ ବାହାର ଲୋକ ସାମିଲ ଅଭିଯୋଗ

**ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ଦେଲା ଏତଲା**

ପୁରୀ ଅଫିସ, ୧୩।୭:

ପୁରୀ ରଥଯାତ୍ରା ବିନା ଭକ୍ତରେ ଆୟୋଜନ ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏପରି କି ପୁରୀବାସୀଙ୍କୁ ରଥଯାତ୍ରାରେ ସାମିଲ ହେବା ଓ ରଥ ଦର୍ଶନ କରିବାକୁ ପ୍ରଶାସନ ଅନୁମତି ଦେଇ ନ ଥିଲା। ସୋମବାର ଅନୁଷ୍ଠିତ ରଥଯାତ୍ରାରେ ପୁରୀ ବାହାର ଲୋକ ସାମିଲ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୁରୀବାସୀ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସର୍ବୋଚ୍ଚ ଅଦାଲତ ଓ ପ୍ରଶାସନର ନିର୍ଦ୍ଦେଶକୁ ଅଣଦେଖା କରି ବାହାର ଲୋକ ପୁରୀ ଆସି ରଥଯାତ୍ରାରେ ସାମିଲ ହେବା ବିରୋଧରେ ମଙ୍ଗଳବାର ପୁରୀ ଜିଲା ଅଧିବକ୍ତା ସଂଘ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି।

ସଂଘ ଆବାହକ ଅନିଲ କୁମାର ସାହୁ ଅଭିଯୋଗରେ ଦର୍ଶାଇଛନ୍ତି, କରୋନା କାରଣରୁ ଗତ ଦୁଇବର୍ଷ ହେବ ବିନା ଭକ୍ତରେ ରଥଯାତ୍ରା ଅନୁଷ୍ଠିତ ହେଉଛି। ଏଥିପାଇଁ ସରକାରଙ୍କୁ ପୁରୀବାସୀ ସହଯୋଗ କରି ଆସୁଛନ୍ତି। ତେବେ ଚଳିତବର୍ଷ ସର୍ବୋଚ୍ଚ ନ୍ୟାୟାଳୟ ଏବଂ ପ୍ରଶାସନର ନିୟମକୁ ଭଙ୍ଗ କରି ପୁରୀ ବାହାର ବ୍ୟକ୍ତି, ଅନ୍ୟ ରାଜ୍ୟର ବ୍ୟକ୍ତି, ଅନେକ ନେତା, ନକଲି ସାମ୍ବାଦିକ ଏବଂ ନକଲି ବେଶଧାରୀ ସେବାୟତ ପାସ୍ ପାଇଥିଲେ। ଏମାନେ କିପରି ପାସ୍ ପାଇଲେ ଓ କାହା ସ୍ୱାର୍ଥରେ ବୋଲି ସାହୁ ପ୍ରଶ୍ନ କରିଛନ୍ତି। ଜିଲା ପ୍ରଶାସନ କର୍ଫ୍ୟୁ ଜାରି କରିଥିବାରୁ ପୁରୀବାସୀ ଘରେ ରହି ରଥଯାତ୍ରା ଦେଖିଥିଲେ। କିନ୍ତୁ ଯେଉଁମାନଙ୍କର କୌଣସି ସେବା ନାହିଁ ସେମାନେ ରଥ ନିକଟକୁ ଗଲେ। ଏହାଦ୍ୱାରା ପୁରୀବାସୀ ଓ ବାହାର ଲୋକଙ୍କ ପାଇଁ ଭିନ୍ନ ଭିନ୍ନ ଆଇନ ଲାଗୁ ହେଲା। ସେହିପରି ରଥଯାତ୍ରା ସମୟରେ କୌଣସି ବ୍ୟକ୍ତି ବଡ଼ଦାଣ୍ଡ ସଂଲଗ୍ନ ଘର ଛାତ ଉପରେ ଦର୍ଶନ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଥିଲା। ମାତ୍ର ଅଧିକାଂଶ ଲୋକ ଛାତ ଉପରେ ରଥଯାତ୍ରା ଦେଖିବା ସହ ଭିଡିଓ ମଧ୍ୟ କରିଛନ୍ତି। ଏହାଦ୍ୱାରା ପ୍ରଶାସନ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ହୋଇଛି। ତେଣୁ ସିସିଟିଭି ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପୁରୀ ଜିଲା ଯୁବ ଅଭିବକ୍ତା ସଂଘ ପକ୍ଷରୁ ଦାବି କରାଯାଇଛି।



ରଥ ଦକ୍ଷିଣମୋଡ଼ କରିବା ପାଇଁ ଶରଧାବାଲିରେ ପ୍ରଶାସନ ପକ୍ଷରୁ ବାଲି ଗଦା କରାଯାଇଛି ।

# ଗର୍ଭଗୃହ ଯାଞ୍ଚ, ମରାମତି ଆରମ୍ଭ

ପୁରୀ ଅଫିସ, ୧୩।୭:

ଶ୍ରୀମନ୍ଦିର ଗର୍ଭଗୃହ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳବାର ଜଗମୋହନରେ ଭାରା ବନ୍ଧାଯାଇ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଅନୁଧ୍ୟାନ କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନର ବୈଷୟିକ କୋର୍ କମିଟି ଓ ସେବାୟତଙ୍କୁ ନେଇ ଗଠିତ ଟିମ୍ ଏହି ଯାଞ୍ଚ କରୁଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନର ଅନୁମତି କ୍ରମେ ଭୋଗମଣ୍ଡପ, ନାଟମଣ୍ଡପ ଓ ଜଗମୋହନର ଲେଜର ସ୍କାନିଂ ଆରମ୍ଭ ହୋଇଛି। ତେବେ ଗର୍ଭଗୃହର ଲେଜର ସ୍କାନିଂ କରାଯିବନାହିଁ। ଲେଜର ସ୍କାନିଂ କରି ଡକ୍ୟୁମେଣ୍ଟେଶନ୍ କରାଯିବ ଏବଂ ପଥରରେ ଥିବା ସମସ୍ୟାକୁ ଏଏସଆଇ ଟିମ୍ ଚିହ୍ନଟ କରି ବଦଳାଇବ ବୋଲି ଜଣାପଡ଼ିଛି। ସେହିପରି ରୁପା କବାଟ ଲାଗିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ସୋମବାର ବିଳମ୍ବିତ ରାତିରେ ରଥ ଯିବା ପରେ ୩ ଦ୍ୱାର ପାଇଁ ୬ଷ୍ଟିଲ୍ ଫ୍ରେମ୍ ଶ୍ରୀମନ୍ଦିରକୁ ନିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ବେହରଣ ଦ୍ୱାରକୁ ବାହାର କରାଯାଇ ଷ୍ଟିଲ୍ ଫ୍ରେମ୍ ଲଗାଯିବ। ଷ୍ଟିଲ୍ ଫ୍ରେମ୍ ଲଗାଯିବାବେଳେ କ'ଣ ସମସ୍ୟା ହେଉଛି ସେନେଇ ଅନୁଧ୍ୟାନ କରାଯିବା ପରେ କାଠ କବାଟ ଫିଟିଂ ଆରମ୍ଭ ହେବ। ବେହରଣ ଦ୍ୱାରକୁ ନୀଳାଦ୍ରି ଭକ୍ତନିବାସ ମ୍ୟୁଜିୟମ୍‌ରେ ରଖାଯିବ ବୋଲି ସୂଚନା ମିଳିଛି।

# ପିପିଲିରେ ଖୋଲିଲା 'ମାଇ ଇକୋ ଏନର୍ଜି' ତୈଳ କେନ୍ଦ୍ର

ପିପିଲି,୧୩।୭(ସ୍ୱ.ପ୍ର.)

ଓଡ଼ିଶାରେ ପ୍ରଥମଥର ପାଇଁ ପିପିଲିରେ 'ମାଇ ଇକୋ ଏନର୍ଜି' ଇଣ୍ଡିଜେଲ ତୈଳ କେନ୍ଦ୍ର ଖୋଲିଛି। ପ୍ରଦୂଷଣ ମୁକ୍ତ ଏବଂ ସାଧାରଣ ଡିଜେଲଠାରୁ କମ ମୂଲ୍ୟର ଏଠାରେ ଡିଜେଲ ମିଳିବ। ଏହି ତୈଳକେନ୍ଦ୍ର ବାଜପେଇ ଛକରେ ହୋଇଥିବା ବେଳେ ସାମାଜିକ କର୍ମୀ ଗୁଣନିଧି ପ୍ରଧାନ 'ମା ଖେଡେଇବୁଢୀ ଫିଲିଂ ଷ୍ଟେଶନ' ନାମରେ ଖୋଲିଛନ୍ତି। ଏହି ଉତ୍ସବରେ ଓଡ଼ିଶା ଅର୍ଥ ପରାମର୍ଶଦାତା ଯୁଗ୍ମ ସଚିବ ମନୋରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିସହ 'ମାଇ ଇକୋ ଏନର୍ଜି'ର ଓଡ଼ିଶା ପୂର୍ବାଞ୍ଚଳ ମ୍ୟାନେଜର ତାପସ ସାହୁ , ପୁଣ୍ୟ ଉତ୍କଳ ଓଡିଶା ସଂଘର ସଭାନେତ୍ରୀ ଉପସନା ରାଓ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦେଶରେ ତୈଳ ଅଭାବ ଦୂରୀକରଣ ଓ ପରିବେଶକୁ ପ୍ରଦୂଷଣ ମୁକ୍ତ ମୂଳ ଉଦ୍ଦେଶ୍ୟ। ସାଧାରଣରେ ଡିଜେଲ ୯୭ଟଙ୍କା ଥିବାବେଳେ ଏହି କେନ୍ଦ୍ରରେ ୯୫ଟଙ୍କାରେ ମିଳିବ ବୋଲି କେନ୍ଦ୍ରର ମୁଖ୍ୟ କହିଛନ୍ତି।

# ମହାପ୍ରଭୁଙ୍କୁ ଝୁରି ହେଉଛନ୍ତି ଶ୍ରୀଦେବୀ

ପୁରୀ ଅଫିସ, ୧୩।୭:

ଦାରୁଦିଅଁଙ୍କ ଅନୁପସ୍ଥିତିରେ ଏବେ ଶ୍ରୀମନ୍ଦିର ଖାଁ ଖାଁ। ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରାଙ୍କୁ ସାଥୀରେ ଧରି ମହାପ୍ରଭୁ ଶ୍ରୀଜଗନ୍ନାଥ ଜନ୍ମବେଦିକୁ ବିଜେ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀଦେବୀଙ୍କୁ ଶ୍ରୀମନ୍ଦିରରେ ଛାଡ଼ି ଆସିଛନ୍ତି। ତାଙ୍କ ପାଇଁ କଳମ ଶାଗ, ନଡ଼ିଆ ଓ ଚାଉଳ ଦେଇଯାଇଛନ୍ତି। ଶ୍ରୀଦେବୀ ୯ ଦିନ ଧରି ଏହାକୁ ରନ୍ଧନକରି ଖାଇବେ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ରଥଯାତ୍ରାରେ ଦାରୁ ବିଗ୍ରହ ଯିବା ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯିବା ପରେ ଶ୍ରୀମନ୍ଦିର ଜଗମୋହନରେ ଶ୍ରୀଦେବୀ, ଭୂଦେବୀ ଓ ମାଧବ ପୂଜା ପାଇଥାନ୍ତି। ମାତ୍ର ମହାପ୍ରଭୁ ନ ଥିବାରୁ ଶ୍ରୀମନ୍ଦିର ରୋଷଘର ଏବେ ଶୁନ୍‌ଶାନ୍। ମହାପ୍ରଭୁଙ୍କୁ ପାଖରେ ନ ପାଇ ଶ୍ରୀଦେବୀ ବିରହ ବେଦନାରେ ରହିଛନ୍ତି। ରୁକ୍ମିଣୀହରଣ ଏକାଦଶୀରେ ମା' ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ଶ୍ରୀଦେବୀ ରୁକ୍ମିଣୀ ଭାବେ ମହାପ୍ରଭୁଙ୍କୁ ବିବାହ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗଇଣ୍ଠାଳ ଫିଟିନାହିଁ କି ଚତୁର୍ଥୀ କର୍ମ ଓ ବନ୍ଦାପନା ହୋଇନାହିଁ। ବିରହିଣୀ ଶ୍ରୀଦେବୀ ବିଳାସବ୍ୟସନ ପରିତ୍ୟାଗ କରି ସାଧାରଣ ଜୀବନଯାପନ କରୁଛନ୍ତି। ବର୍ତ୍ତମାନ ନିଜ ପାଇଁ ରୋଷେଇ ବି କରୁନାହାନ୍ତି। ସେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିରକୁ ଫେରାଇ ଆଣିବା ଲାଗି ହେରାପଞ୍ଚମୀ ତିଥିରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଜେ କରି ନନ୍ଦିଘୋଷ ରଥ ଭାଙ୍ଗିବାର ବିଧି ରହିଛି।

# ଏସ୍‌ଡିପିଓ, ପୋଲିସ୍ ଟିମ୍ ସହ ଖବରଦାତାଙ୍କ ଆଲୋଚନା

**ଥାନାଧିକାରୀଙ୍କ ଗାଳିଗୁଲଜ ଘଟଣା**

ଗୋପ,୧୩।୭(ଡି.ଏନ୍.ଏ.)

ଜଣେ ଖବରଦାତାଙ୍କ ପ୍ରତି ଗୋପ ଥାନାଧିକାରୀଙ୍କ ଗାଳିଗୁଲଜ କରିବା ଘଟଣାରେ ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ଥାନାଧିକାରୀଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏ ନେଇ ମଙ୍ଗଳବାର ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ସମେତ ୨ଜଣିଆ ପୋଲିସ ଟିମ୍ ଗୋପ ଜଳସେଚନ ଡାକବଙ୍ଗଳାରେ ପହଞ୍ଚି ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ସଂଘର ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି। ଘଟଣାର ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖବରଦାତାମାନଙ୍କୁ ଏସ୍‌ଡିପିଓ ମିଶ୍ର ପ୍ରତିଶ୍ରୁତି ଦେବା ସହ ୪୮ଘଣ୍ଟାର ମହଲତ ନେଇଥିଲେ। ପରେ ସଂଘର ସଦସ୍ୟମାନେ ଏକ ଲିଖିତ ଅଭିଯୋଗ ଏସ୍‌ଡିପିଓଙ୍କୁ ପ୍ରଦାନ କରିଥିଲେ। ଗତ ୭ ତାରିଖରେ ସୁବର୍ଣ୍ଣପୁର ନିକଟ ଏକ ଗାଁରେ ଗଣ୍ଡଗୋଳ ନେଇ ଥାନାଧିକାରୀଙ୍କ ମନ୍ତବ୍ୟ ଭାଇରାଲ ହୋଇଥିଲା। ଏହା ଏକ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ଥାନାଧିକାରୀ ଜାଣିବା ପରେ ଜଣେ ଖବରଦାତାଙ୍କ ଜରିଆରେ ସମ୍ପୃକ୍ତ ଖବରଦାତା ସନ୍ତୋଷ ରାୟଙ୍କୁ ଗାଳିଗୁଲଜ କରିଥିଲେ। ଏହି ଘଟଣାକୁ ଜିଲା ପେସାଦାର ସାମ୍ବାଦିକ ସଂଘ ନିନ୍ଦା କରି ଥାନାଧିକାରୀଙ୍କ ନିଲମ୍ବନ ଦାବି କରିଥିଲା। ଏସ୍‌ଡିପିଓ ମିଶ୍ର କହିଛନ୍ତି, ଥାନାଧିକାରୀ ଯଦି ଏଭଳି କରିଥିବେ, ତାହା ଏକ ନିନ୍ଦନୀୟ ଘଟଣା। ଏ ସମ୍ପର୍କରେ ଏସ୍‌ପିଙ୍କୁ ଅବଗତ କରିବି।

# ଭର୍ଚୁଆଲ୍‌ରେ ବ୍ଲକସ୍ତରୀୟ ବିଜ୍ଞାନମେଳା




ବିଜ୍ଞାନ ମେଳାରେ ଉପସ୍ଥିତ ଅଧିକାରୀ ଓ ଶିକ୍ଷକ ।

କଣାସ,୧୩।୭(ସ୍ୱ.ପ୍ର.)

କଣାସ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଭର୍ଚୁଆଲ୍‌ରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ମୀନକେତନ ସାମନ୍ତରାୟ ଭର୍ଚୁଆଲ୍ ମାଧ୍ୟମରେ ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରପତି ଭାବେ ବିଜ୍ଞାନ ଶିକ୍ଷକ ଚିତ୍ତରଞ୍ଜନ ଜେନା ଓ ଦେବବ୍ରତ ବେଦମତ୍ତା ଯୋଗଦେଇ ମୋଟ ୫ଟି ପ୍ରକଳ୍ପକୁ ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ କରିଥିଲେ। ଜିଲାସ୍ତରୀୟ ପାଇଁ ମନୋନୀତ ପ୍ରକଳ୍ପଧାରୀମାନେ ହେଲେ କୁଳମଣୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଅଜୟ ପାଇକରାୟ, ତ୍ରିଲୋଚନପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟର ରୂପାଲି ତ୍ରିପାଠୀ, ଆଞ୍ଚଳିକ ଗୌରଚନ୍ଦ୍ର ସଂଯୁକ୍ତ ବିଦ୍ୟାପୀଠର ପି.ସୁଦିପ୍, ମହନ୍ତ ବନମାଳି ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ବିଦ୍ୟାଶା ପ୍ରଧାନ, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ଶୁଭସ୍ମିତା ବେହେରା। ସହଶିକ୍ଷାଧିକାରୀ ସର୍ବେଶ୍ୱର ଜେନାଙ୍କ ପ୍ରତ୍ୟକ୍ଷ ପରିଚାଳନାରେ କାର୍ଯ୍ୟକ୍ରମରେ ଏମ.ଆଇ.ଏସ୍ ସଂଯୋଜକ ରଶ୍ମିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଚୀ ନଦୀରେ ବ୍ୟାରେଜ ଉଦ୍‌ଘାଟିତ

କାକଟପୁର,୧୩।୭(ଡି.ଏନ୍.ଏ.)

ନିମାପଡ଼ା ଜଳସେଚନ ଡିଭିଜନ ଅଧୀନରେ କୁଣ୍ଢେଇଠାରେ ପ୍ରାଚୀ ନଦୀ ଉପରେ ନିର୍ମିତ ୨୦କୋଟି ଟଙ୍କାର ବ୍ୟାରେଜ ନିର୍ମାଣ ଶେଷ ହୋଇଛି। ମଙ୍ଗଳବାର କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଉପସ୍ଥିତ ରହି ବ୍ୟାରେଜର ସ୍ଲୁଇସ ଗେଟକୁ ଉଦ୍‌ଘାଟନ କରିଥିଲେ। ପରେ ବ୍ୟାରେଜ ଦାୟିତ୍ୱ ପାଇଁ ଜଳସେଚନ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ରଙ୍କୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ମନ୍ତ୍ରୀ ବେହେରା କହିଥିଲେ, ଏହି ବ୍ୟାରେଜ କାକଟପୁର, ଅସ୍ତରଙ୍ଗ ଅଞ୍ଚଳରେ ମଧୁର ପାନୀୟଜଳ ସମସ୍ୟା ଦୂର କରିବା ସହ କାକଟପୁର ବ୍ଲକର କେତେକ ପଞ୍ଚାୟତକୁ ଚାଷ ପାଇଁ ଜଳଯୋଗାଇବ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କାକଟପୁର ଜଳସେଚନ ଉପଖଣ୍ଡ ଅଧିକାରୀ ରାକେଶ କୁମାର ମଲ୍ଲିକ, ସହାୟକ ଯନ୍ତ୍ରୀ କ୍ଷୀରୋଦ କୁମାର ମହାପାତ୍ର ଓ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କୁଣ୍ଢେଇ ସରପଞ୍ଚ ଶୁଭ୍ରଜିତ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।



ବ୍ୟାରେଜ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

# ଲୁଣାନଦୀ ଖନନକୁ ନେଇ ବୈଠକ

ଡେଲାଙ୍ଗ,୧୩।୭(ଡି.ଏନ୍.ଏ.)

ପୁରୀ ଜିଲା ଡେଲାଙ୍ଗ ଓ କଣାସ ବ୍ଲକର ଲୁଣାନଦୀ ମୁନିନ୍ଦାଠାରୁ ନାଗଣ ପର୍ଯ୍ୟନ୍ତ ୧୧କି.ମି ଖନନ ପାଇଁ ଟଙ୍କା ମଞ୍ଜୁର ହୋଇଛି। ଖନନ ଚାଲିଥିଲେ ମଧ୍ୟ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ନୀଳାଚଳ କୃଷକ ମହାସଂଘ ଅଭିଯୋଗ କରିଛି। ମଙ୍ଗଳବାର ମୁନିନ୍ଦା ପଞ୍ଚାୟତରେ ସଂଘ ଉପଦେଷ୍ଟା ଗଦାଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଯାଇଛି। ଏଥିରେ ଟେଣ୍ଡର ପ୍ରକ୍ରିୟା ନେଇ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରବିରତ୍ନରେ ଲୁଣାନଦୀରୁ ଚାଷଜମିକୁ ଜଳଯୋଗାଣ ପାଇଁ ହୋଇଥିବା ଡିଜାଇନରୁ ଅତ୍ୟଧିକ ୨ମିଟର ଖନନକୁ ଟେଣ୍ଡରରେ ଅନ୍ତର୍ଭୁକ୍ତ ନ କରିବା, ମୁନିନ୍ଦାଠାରୁ ଜୁଇଲୁଣ୍ଡା ପର୍ଯ୍ୟନ୍ତ ୧.୫ କି.ମି ଡ୍ରେଜର ବଦଳରେ ଏକ୍ସାଭେଟରରେ ଖନନକୁ ସଂଘ ତରଫରୁ ବିରୋଧ କରାଯାଇଛି। ଯଦି ନଦୀ ଖନନ ୨ମିଟର ଗଭୀରତା ନ କରାଯାଏ, ତେବେ ଚାଷୀମାନେ ବିରୋଧ କରିବେ ବୋଲି କୃଷକ ମହାସଂଘ ସଭାପତି ଗୋପୀନାଥ ମିଶ୍ର ଚେତାବନୀ ଦେଇଛନ୍ତି। ବୈଠକରେ ସଂଘ ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ଗଦାଧର ସ୍ୱାଇଁ, ଉପସଭାପତି ଶତ୍ରୁଘ୍ନ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଦୁଃଶାସନ ସ୍ୱାଇଁ, ସମନ୍ୱୟ କମିଟିର ଅଧ୍ୟକ୍ଷ ଗୁଣନିଧି ପାତ୍ର, ସମ୍ପାଦକ ଉଗ୍ରସେନ ବିଶ୍ୱାଳ, ଅରକ୍ଷିତ ଦାସ, ଫଗୁଚରଣ ପରିଡା, ମାର୍କଣ୍ଡ ସ୍ୱାଇଁ, ସୁଦର୍ଶନ ପ୍ରଧାନ, ଡେଲାଙ୍ଗ ସଭାପତି ସର୍ବେଶ୍ୱର ଜେନା, କଣାସ ସଭାପତି ସମରେନ୍ଦ୍ର ସାହୁ, ବିପ୍ରବର ପାତ୍ରଙ୍କ ସମେତ ଚାଷୀ ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରକାଶ ନାୟକ, ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଲଜ୍ ମାଲିକଙ୍କୁ ଛାଡ଼, ଗୃହକର୍ତ୍ତାଙ୍କୁ ଜୁଲମ

**ଘରେ ପଶିଲା ପୋଲିସ**

ପୁରୀ ଅଫିସ,୧୩।୭:

ଘର ଛାତ ଉପରୁ ରଥଯାତ୍ରା ଦର୍ଶନ କରିବା ନେଇ ପ୍ରଶାସନ କଟକଣା ଜାରି କରିଥିଲା। ଏପରି କି ବଡ଼ଦାଣ୍ଡରେ ଥିବା ଘର ସମ୍ମୁଖ ଓ ଛାତରେ ପୋଲିସ ମୁତୟନ ହୋଇଥିଲା। ସୋମବାର ରଥଯାତ୍ରାରେ ଏଭଳି କଡ଼ା କଟକଣା ପରେ ମଙ୍ଗଳବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ରହିଥିବାବେଳେ ନିକଟସ୍ଥ ଘରଗୁଡ଼ିକରୁ କେହି ନ ବାହାରିବା ପାଇଁ ସମ୍ପୃକ୍ତ ଗୃହକର୍ତ୍ତାମାନଙ୍କୁ ପୋଲିସ ଧମକଚମକ ଦେବା ସହ ଏକପ୍ରକାର ଜୁଲମ କରିଛି।

ଅଭିଯୋଗ ଅନୁଯାୟୀ, ବ୍ୟକ୍ତିଗତ ସମ୍ପତ୍ତି ମଧ୍ୟରେ ଚଳପ୍ରଚଳକୁ ରୋକିବା ପାଇଁ ପୋଲିସ ପ୍ରଥମେ ଘର ସାମ୍ନାରେ ଠିଆ ହୋଇ ଲୋକଙ୍କୁ ଧମକଚମକ ଦେଇ ଭିତରକୁ ଯିବାକୁ କହିଥିଲା। କେତେଜଣ ବ୍ୟକ୍ତି ମହାପ୍ରଭୁଙ୍କ ଦର୍ଶନ ପାଇଁ ଛିଡ଼ା ହୋଇ ରହିବାରୁ ପୋଲିସ ସେମାନଙ୍କ ଘରେ ପଶି ସେମାନଙ୍କୁ ଛାତ ଉପରକୁ ଯିବାକୁ ଦେଇ ନ ଥିଲା। ପୋଲିସର ଏଭଳି ବ୍ୟବହାରକୁ ବିରୋଧ କରିବା ପାଇଁ ଭୟରେ କେହି ସାହସ ଜୁଟାଇ ପାରି ନ ଥିଲେ। ଘରମାଲିକ ଅମୂଲ୍ୟ ପ୍ରଧାନ କହିଛନ୍ତି, ପୋଲିସ ଛାତ ଉପରକୁ କିମ୍ବା ବାଲକୋନିକୁ ଯିବା ପାଇଁ ଦେଉନାହିଁ। ଏତେ ଲୋକ ଶ୍ରୀଗୁଣ୍ଡିଚା ମନ୍ଦିର ସାମ୍ନାରେ ଠିଆ ହୋଇଛନ୍ତି, ଫଟୋ ଉଠାଉଛନ୍ତି କାହାରି ସମସ୍ୟା ହେଉନାହିଁ। ୩ଦିନ ହେଲା ଘରେ ଏକପ୍ରକାର ବନ୍ଧାହୋଇ ରହିଛୁ। କର୍ଫ୍ୟୁ ଲାଗିବା ପରଠାରୁ ଛାତ ଉପରେ ପୋଲିସ ମୁତୟନ ହୋଇଛି। ସୁରକ୍ଷା ଦୃଷ୍ଟିରୁ ପୋଲିସ ମୁତୟନ ହେବାରେ କିଛି ସମସ୍ୟା ନାହିଁ, ମାତ୍ର ମୋ' ଘର ଭିତରେ ମୋତେ ପୋଲିସ ଧମକଚମକ ଦେଉଛି। ଭୟରେ ମୁଁ ନିରୁପାୟ ହୋଇ ଚୁପ୍ ରହୁଛି। ସେହିପରି ଅନ୍ୟ ଜଣେ ଘରମାଲିକ ଦେବଦତ୍ତ ପଟ୍ଟନାୟକ କହିଛନ୍ତି, ରଥ ଦେଖିବା କଥା ଛାଡ଼ନ୍ତୁ, ବାହାରକୁ ଆସି କାହା ସହ କଥାବାର୍ତ୍ତା ବି ପୋଲିସ କରାଇ ଦେଉନାହିଁ। ବାଲକୋନି ଉପରକୁ ଚାଲିଆସିଲେ ଘରେ ପଶିବାକୁ ତାଗିଦ୍ କରୁଛି। ଅତି ନାଚାର ସ୍ଥିତି, ପୋଲିସ ଏଭଳି କଲେ କାହାକୁ ଅଭିଯୋଗ ଜଣାଇବୁ। ମୋ ଘରେ ମୋ ପରିବାର ଛଡ଼ା କେହି ନାହାନ୍ତି, ହେଲେ ବି ପୋଲିସର ଏଭଳି ଆଚରଣ କଷ୍ଟ ଦେଉଛି। ସୂଚନା ଅଧିକାରୀ କର୍ମୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ସୋମବାର ବଳଗଣ୍ଡି ଓ ମାର୍କେଟ ଛକସ୍ଥିତ କେତେକ ଲଜ୍ ଉପରେ ଲୋକେ ଠିଆ ହୋଇ ରଥଯାତ୍ରା ଦେଖିଥିଲେ। ସେଠାରେ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା। ହେଲେ ଏବେ ପୁରୀ ସହରବାସୀଙ୍କ ଘରେ ପଶି ଏଭଳି ଦମନଲୀଳା କରିବାର ଉଦ୍ଦେଶ୍ୟ କ'ଣ ତାହା ବୁଝାପଡୁନାହିଁ। ଅନ୍ୟପକ୍ଷରେ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ ଜୁଲମ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଗାଇଡ୍‌ଲାଇନ୍ ମାନି ଲୋକଙ୍କୁ ଘରେ ରହିବାକୁ କେବଳ ପୋଲିସ ପରାମର୍ଶ ଦେଇଥିଲା।